ଜନ୍ତାରିବୋଲଠାରେ ଜିଲ୍ଲା ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ

# ଦକ୍ଷତା ବିକାଶର ହବ୍ ହେବ ଢେଙ୍କାନାଳ

କାମାକ୍ଷାନଗର, ୨୯।୧(ସମିସ): କାମାକ୍ଷାନଗର ବ୍ଲକ ଜନ୍ତାରିବୋଲ ଗାଁ ନିକଟରେ ଆରମ୍ଭ ହୋଇଛି ଦକ୍ଷତା ବିକାଶ କ୍ଷେତ୍ରରେ ନୂଆ ସମ୍ଭାବନା। ରାଜ୍ୟ ସରକାରଙ୍କ ସହଯୋଗରେ ଜିଲ୍ଲା ଦକ୍ଷତା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ମାନ୍ୟବର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦକ୍ଷତା କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଢେଙ୍କାନାଳ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଏହି ଦକ୍ଷତା କେନ୍ଦ୍ରରେ ଏକାକାଳୀନ ୨ଶହ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରିବାର ବ୍ୟବସ୍ଥା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୯୦ଜଣଙ୍କ ପାଇଁ ବ୍ୟବସ୍ଥା ହୋଇଛି। ସେମାନଙ୍କ ମଧ୍ୟରୁ ୩୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ସାରିଛନ୍ତି। ଏବେ ଛାତ୍ରମାନଙ୍କ ପାଇଁ ହଷ୍ଟେଲ ସୁବିଧା ରହିଛି ଯାହା ଆଗାମୀ ଦିନରେ ଛାତ୍ରୀମାନଙ୍କ ପାଇଁ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। '୫-ଟି', ନୂଆ ଓଡ଼ିଶା ଏବଂ ଟାଟା ଷ୍ଟ୍ରାଇଭର ମିଳିତ ଆନୁକୂଲ୍ୟରେ ଏହି ଦକ୍ଷତା କେନ୍ଦ୍ର ଆରମ୍ଭ ହୋଇଛି। ଅଞ୍ଚଳରେ ବେକାର ଯୁବକ ଓ ଦକ୍ଷତା ଏବଂ ବୈଷୟିକ ଶିକ୍ଷା ପ୍ରତି ରୁଚି ରଖୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ବଡ଼ ସମ୍ଭାବନା। ଯାହା ସେମାନେ ରୋଜଗାରକ୍ଷମ ହୋଇପାରିବେ। ଢେଙ୍କାନାଳରେ ପ୍ରଥମେ ଥର ପାଇଁ ଆରମ୍ଭ ହୋଇଥିବା ଏହି ଦକ୍ଷତା କେନ୍ଦ୍ର ଆଗାମୀ ଦିନରେ ରାଜ୍ୟର ଦକ୍ଷତା ବିକାଶ କ୍ଷେତ୍ରରେ ଏକ ବଡ଼ ହବ୍ ହେବ ବୋଲି ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଥିଲେ। ତେବେ ଢେଙ୍କାନାଳ ସମେତ ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାରେ ଏହି ଦକ୍ଷତା କେନ୍ଦ୍ର ଖୋଲା ଯିବ ବୋଲି ସେ ନିଜ ବକ୍ତବ୍ୟରେ କହିଛନ୍ତି।



ଜାତୀୟ ରାଜପଥ-୧୪୯ ପାଲଟିଛି ମରଣଯନ୍ତା

# ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଲା ସାମ୍ବାଦିକ ସଂଘ

ମହାବିରୋଡ଼, ୨୯।୧ (ସମିସ): ଢେଙ୍କାନାଳ ଜିଲ୍ଲା ଜାତୀୟ ରାଜପଥ-୧୪୯ ରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ସମୟରେ ଧନ ଜୀବନ ହାନୀ ଘଟୁଛି। ସୂଚନା ଅନୁସାରେ କଙ୍କଡାହାଡ଼ ବ୍ଲକର ସୀମାନ୍ତ ପଞ୍ଚାୟତ ଘାଗରାମୁଣ୍ଡା ପଞ୍ଚାୟତ ଭେଜିଆ ଶିବ ମନ୍ଦିର ଛକ ଠାରୁ ଘାଗରାମୁଣ୍ଡା ଉଚ୍ଚ ବିଦ୍ୟାଳୟ ଛକ ଦୂରତା ୩ କିମି ହୋଇଥିବା ବେଳେ ଅଧିକାଂଶ ସମୟରେ ଯାତ୍ରିବାହୀ ବସ ଦୁର୍ଘଟଣାଗ୍ରସ୍ତ ହେଉଥିବା ବେଳେ କେତେବେଳେ ଟ୍ରକ ସହିତ ବସ ମୁହାଁମୁହିଁ ଧକ୍କା ହେଇ ଅନେକ ଜୀବନ ଚାଲିଯାଉଛି। ଏହାସହିତ ବାଇକ, କାର ଅନ୍ୟାନ୍ୟ ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଚଳିତ ମାସରେ ଏକ ପିକନିକ ବସ ସହିତ ଟ୍ରକ ଭେଜିଆ ଶିବ ମନ୍ଦିର ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ୪ ଦିନ ତଳେ ଘାଗରାମୁଣ୍ଡା ଛକଠାରେ ୨ଟି ଟ୍ରକ ଧକ୍କା ହୋଇଥିଲା। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ଜାତୀୟ ରାଜପଥ ମରଣଯନ୍ତା ପାଲଟିଥିବାରୁ କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ତରଫରୁ ସଭାପତି ରାଜେଶ କୁମାର ଦେହୁରୀଙ୍କ ନେତୃତ୍ୱରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସଂଘ ତରଫରୁ ଏହି ୧୪୯ ନମ୍ବର ଜାତୀୟ ରାଜପଥରେ ଅଧିକ ପୁଲିସ ପେଟ୍ରୋଲିଂ ସହ ସଚେତନତା କାର୍ଯ୍ୟକ୍ରମ, ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଅନ୍ୟମାନଙ୍କ ମଧ୍ୟରେ ସଂଘ ସାଧାରଣ ସମ୍ପାଦକ କ୍ଷୀରୋଦ ଦେହୁରୀ, କୋଷାଧ୍ୟକ୍ଷ ଅରବିନ୍ଦ ପାଳ, ରିତେଶ ବ୍ରହ୍ମା, ଟୁକୁନ ବିଶ୍ୱାଳ ଉପସ୍ଥିତ ଥିଲେ। ଅଭିଯୋଗ ଗ୍ରହଣ କରି ଜିଲ୍ଲାପାଳ କହିଥିଲେ ଏହି ସ୍ଥାନରେ ଦୁର୍ଘଟଣା ହେଉଥିବା ଖବର ଅଛି, ପ୍ରଶାସନ ପକ୍ଷରୁ ଦୁର୍ଘଟଣ ନିୟନ୍ତ୍ରଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କଙ୍କଡାହାଡ, ୨୯।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ କଙ୍କଡ଼ାହାଡ଼ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ଜାନୁଆରୀ ୧୭ ତାରିଖ ଠାରୁ ୮୯ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିକା ସୁଶ୍ରୀ ଲିପ୍ସା ସିଂହ ତିନୋଟି ଗ୍ରୁପରେ ବିଭକ୍ତ କରି ତାଲିମ୍ ପ୍ରଦାନ କରୁଥିଲେ। ଉଦଯାପନୀ ସଭାରେ ସଭାପତି ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ, ଶୃଙ୍ଖଳାର ସହିତ ଛାତ୍ରୀମାନେ ତାଲିମ ଗ୍ରହଣ କରିଥିବାରୁ ସମସ୍ତ ଛାତ୍ରୀ, ପ୍ରଶିକ୍ଷିକା ଏବଂ ସଂଯୋଜକ ଅଧ୍ୟାପକ ଅଜୟ କୁମାର ଚିନାରାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି, ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ମହେଶ ପ୍ରସାଦ ହେନ୍ତାଳିଆ ଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ରିଆକ୍ଟ ପୁସ୍ତିକା ପ୍ରଦାନ କରିଥିଲେ।

## କାର୍ ଓ ବାଇକ୍ ମୁହାଁମୁହିଁ; ଜଣେ ଗୁରୁତର

ଢେଙ୍କନାଳ ସଦର, ୨୯।୧(ସମିସ): ଢେଙ୍କାନାଳ ଜିଲ୍ଲା ସଦର ଥାନା ଭାପୁର ଫାଣ୍ଡି ଅଧିନ କୋଉମ ପଞ୍ଚାୟତ ଜରିପାଳ ଛକରେ ସକାଳ ୧୦ଟାରେ କାର୍ ସହିତ ବାଇକ ଧକ୍କା ହେବାରୁ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟଜଣେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଜରିପାଳ ଗ୍ରାମର ନିରଞ୍ଜନ ନାଏକ (୫୭) ଓ ରାମ ସାହୁ (୫୫) ରାଣିପାଳ। ଇଟା କମ୍ପାନୀରୁ ବାଇକ ଯୋଗେ ଘଟିପିରି ଯାଉଥିବାବେଳେ ଏକ କାର ଧକ୍କା ଦେଇଥିଲା। କାର୍‌ଟି ସୁନ୍ଦରଗଡ଼ ଅଞ୍ଚଳର ମୋହନ ମଗରଙ୍କର। ସେମାନେ ପୁରୀରୁ ଫେରୁଥିଲେ। ନିରଞ୍ଜନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି।



# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ମାର୍ଥାପୁର, ୨୯।୧(ସମିସ): ଜିରାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମାଷ୍ଟରଟ୍ରେନର ସାଗରିକା ସାହୁ ଓ ପ୍ରୋଗ୍ରାମ ଅଫିସର ମଧୁସ୍ମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ ଅଧ୍ୟକ୍ଷତାରେ ଅଧ୍ୟାପକ ପ୍ରହ୍ଲାଦ ଅଗସ୍ତି, ଅଧ୍ୟାପକ ସୁଧାକର ସାହୁ, ଅନନ୍ତ ନାରାୟଣ ସାହୁ, ମନୋରଞ୍ଜନ ରାଉତ, ଅଧ୍ୟାପିକା ବିଷ୍ଣୁ ପ୍ରିୟା ତ୍ରିପାଠୀ, ପଦ୍ମାଳୟା ଷଡଙ୍ଗୀ ଓ ଅନ୍ୟାନ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ୮୭ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଥିଲେ। ଉଦଯାପନୀ ଦିବସରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

# ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି



ଢେଙ୍କାନାଳ, ୨୯।୧(ସମିସ): କଙ୍କଡ଼ାହାଡ ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋରଞ୍ଜନ ମଲିକ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟତଃ ଆବାସ ଯୋଜନରେ ଘର, ସ୍ୱାସ୍ଥ୍ୟ ସମସ୍ୟା, ରାସନ କାର୍ଡ, ଧାନ ମଣ୍ଡି ସମସ୍ୟା ଓ ଘରବାରି ସମ୍ବନ୍ଧୀୟ, ସ୍ୱୟଂ ସହାୟକ ଗୋଷ୍ଠୀ ସମସ୍ୟା ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସମୁଦାୟ ୪୨ ଟି ଅଭିଯୋଗ ହୋଇଥାଲା। ଏହି ଶୁଣାଣିରେ ଢେଙ୍କାନାଳ ଏସ୍‌ପି ମଡକର ସନ୍ଦିପ୍ ସମ୍ପଦ, କାମାକ୍ଷାନଗର ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଜିଲ୍ଲା ଚିକିତ୍ସା ଅଧିକାରୀ ଡା ଦିଲ୍ଲୀପ କୁମାର ବିଶ୍ୱାଳ, ଜରୁରୀକାଳନ ଅଧିକାରୀ ଅଶ୍ୱୀନି କୁମାର ଦାସ, ଜିଲା ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ଶତପଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ସସ୍ମିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ବିଡିଓ ଯଶୋବନ୍ତ ଦେହୁରୀ, ତହସିଲଦାର ସୌଦାମିନୀ ନାୟକ, ପିଜିସିଏଲ ଅଧିକାରୀଣି ଇପସିତା ବଳିଆରସିଂଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



କାମାକ୍ଷାନଗର, ୨୯।୧(ସମିସ): କାମାକ୍ଷାନଗର ଉପକଣ୍ଠ ରାମିଆଳ ନଦୀ ତଟ ଗୁଣ୍ଡିଚାନାଳୀରେ ଆଳତୁମା ହାଇସ୍କୁଲ ୨୦୦୦ ମାଟ୍ରିକ ବ୍ୟାଚର ପ୍ରଥମ ବନ୍ଧୁମିଳନ ଆୟୋଜିତ ହୋଇଯାଇଛି। ପରିବାର ସହ ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶ୍ରୀକାନ୍ତ ସାହୁ, ମିଟୁନ ପାତ୍ର, ଡାକ୍ତର ପିଣ୍ଟୁ ମହାନ୍ତି, ଅରୁଣେଶ୍ୱର ଦାସ, ଅମର ରାଉଳ, ସୁରେଶ ସାହୁ, ବେଣୁଧର ନାଥ, ବିଶ୍ୱରଞ୍ଜନ ସାହୁ, ଦୀପ୍ତିରଞ୍ଜନ ସାହୁ, ଟୁନା ରାଉଳ, ଶକ୍ତି ପ୍ରସାଦ ଦାସ, ଜିତେନ୍ଦ୍ର ମହାନ୍ତି, ବନଜବାସିନୀ ବାରିକ, ମନିଶା ଦାସ, ରଞ୍ଜିତା ମହାରଣା, ଲକ୍ଷ୍ମୀ ପ୍ରିୟା ଖୁଣ୍ଟିଆ, ନିରୁପମା ସାହୁ, ସସ୍ମିତା ଦାସ, ବବିତା ମୁଦୁଲି, ଅନସୂୟା ବାରିକି, ଅଶ୍ୱିନୀ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

## ଯୋରନ୍ଦା ମେଡିକାଲ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଢେଙ୍କାନାଳ, ୨୯।୧(ସମିସ): ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆନକୂଲ୍ୟରେ ସରସ୍ୱତୀ ଶିଶୁମନ୍ଦିର ଠାରେ ସ୍ୱଚ୍ଛତା ଅଭିଯାନ ଅବସରରେ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଦ୍ୟାଶା ନାହାକ ପ୍ରଥମ, ଲକ୍ଷ୍ମୀପ୍ରିୟା ସାହୁ ଦ୍ୱିତୀୟ ଓ ପ୍ରିନ୍ସରାଜ ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟଅତିଥି ଭାବେ ଯୋରନ୍ଦା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଅମ୍ଳାନ, ସମ୍ମାନିତ ଅତିଥି ଭାବେ ଡା. ବିଶ୍ୱକଲ୍ୟାଣୀ ଶତପଥୀ, ଫାର୍ମାସିଷ୍ଟ ବବଲୁ ମାଝି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିଶୁ ମନ୍ଦିର ପକ୍ଷରୁ ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ସାହୁ, ଆଚାର୍ଯ୍ୟ ପ୍ରତିନିଧି ବନ ବିହାରୀ ପରିଡ଼ା, ଶ୍ରେଣୀ ଆଚାର୍ଯ୍ୟା ଝରଣା ଷଣ୍ଢ, ସମ୍ପାଦକ ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ଦ୍ୱିତୀୟ କାମାକ୍ଷାନଗର ମହୋତ୍ସବ ଉଦ୍‌ଘାଟିତ

# ଶାଶ୍ୱତଙ୍କ ନୃତ୍ୟ ଓ ଅଭିଜିତ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ

କାମାକ୍ଷାନଗର, ୨୯।୧(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ପରିସରରେ ଦ୍ୱିତୀୟ କାମାକ୍ଷାନଗର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି।



ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟରେ ଖଣି ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ସଂଧ୍ୟାକୁ ଉଦ୍‌ଘାଟନ କରି କାମାକ୍ଷାନଗର ମାଟିର କଳାନୈପୁଣ୍ୟ ଓ ଲୁକ୍କାୟିତ କଳାକୁ ଉଜ୍ଜୀବିତ କରିବାରେ ମହୋତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟବକ୍ତା ଯୋଗଦେଇ ଯେକୌଣସି କାର୍ଯ୍ୟକ୍ରମ କରିବାକୁ ଇଛାଶକ୍ତି ଦରକାର। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଓ ସ୍ଥାନୀୟ ପ୍ରଶାସନର ଇଛାଶକ୍ତି ଯୋଗୁ ଏପରି ମହୋତ୍ସବ ଆୟୋଜନ ଏହା ପ୍ରମାଣ କରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଜଙ୍ଗ ବିଧାୟକ ଡ଼ଃ ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧିର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ବିଡିଓ ଅବିନାଶ ପାଣ୍ଡିଆ ଧନ୍ୟବାଦ ଦେଇଥିଲେ।

ସୋମବାର ୨ୟ ସନ୍ଧ୍ୟାରେ ଭରପୁର ଦର୍ଶକଙ୍କଦ୍ୱାରା ପଡ଼ିଆ ଉତ୍ସବ ମୁଖରିତ ହୋଇ ଉଠିଥିଲା। ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨ୟ ସଂନ୍ଧ୍ୟାରେ ଢେଙ୍କାନାଳ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି ମହୋତ୍ସବ ପୂର୍ବରୁ ବଡ ବଡ ସହରରେ ଦେଖିବାକୁ ମିଳୁଥିଲା କିନ୍ତୁ କାମାକ୍ଷାନଗର ଭଳି ଛୋଟିଆ ସହରରେ ଏଭଳି ମହୋତ୍ସବ ଆୟୋଜନ ଅଞ୍ଚଳର ଭାଇଚାରାର ନିଦର୍ଶନ ବୋଲି କହିଥିଲେ। ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ଜ୍ୟୋତିଶଙ୍କର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକପ୍ରତିନିଧି, ପ୍ରଶାସନ, ସାଧାରଣ ଲୋକଙ୍କ ସହଯୋଗ ମହୋତ୍ସବକୁ ସଫଳ କରିଥାଏ ବୋଲି କହିଥିଲେ।

ମହୋତ୍ସବର ପ୍ରଥମ ସଂଧ୍ୟାରେ ଗୁରୁ ପୀତାମ୍ବର ବିଶ୍ୱାଳଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଗଞ୍ଜାମର ପ୍ରସିଦ୍ଧ ପଶୁମୁଖା ନୃତ୍ୟ, ପୁରୀର ସିଗନେଚର ଡ୍ୟାନ୍ସ ଗ୍ରୁପର ଆଧୁନିକ ନୃତ୍ୟ, ବରଗଡ଼ କଳାବିର ଅନୁଷ୍ଠାନ ନୃତ୍ୟ ସାଙ୍ଗକୁ ଇରା ମାହାନ୍ତିଙ୍କ ଗୀତ ଓ ଯୋଗେଶ ଯୋଜୋଙ୍କ କମେଡିରେ ଝୁମିଥିଲେ ଦର୍ଶକ। ଏହା ସହିତ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଥିଲା ବେଶ୍ ଚିତାକର୍ଷକ। କାର୍ଯ୍ୟକ୍ରମରେ କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଡେପୁଟି କଲେକ୍ଟର ତୃପ୍ତିମୟି ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ମଦନ ମୋହନ ଜେନା, ଦୀପକ ମିଶ୍ର, ଅର୍ଚ୍ଚନା ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

୨ୟ ସନ୍ଧ୍ୟାରେ ଶାସ୍ୱତ ଯୋଶୀଙ୍କ ଓଡିଶୀ ନୃତ୍ୟ, ଅଭିଜିତ ମଜ୍‌ମୁଦାର ଓ ତାରିଫ ହୁସେନଙ୍କ ସଙ୍ଗୀତ ସହ ବଣ୍ଟିଙ୍କ କମେଡିରେ ଝୁମିଥିଲେ ଦର୍ଶକ। ଏହାସହ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଥିଲା ବେଶ ଚିତାକର୍ଷକ। କାମାକ୍ଷାନଗରେ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଡେପୁଟି କଲେକ୍ଟର ତୃପ୍ତିମୟି ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ମଦନ ମୋହନ ଜେନା, ଦୀପକ ମିଶ୍ର, ଅର୍ଚ୍ଚନା ଗୌଡ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



DADLS-100
ଓଡ଼ିଶା ସରକାର



ରାଜ୍ୟସ୍ତରୀୟ ଶହୀଦ ଦିବସ ଅବସରରେ
ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
୩୦ ଜାନୁଆରୀ, ୨୦୨୪ ସକାଳ: ପୂର୍ବାହ୍ନ ୧୦.୪୭ ମିନିଟ
ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା
ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ
ପୋଲିସ ବାହିନୀ ଦ୍ୱାରା ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ
ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ

ଏହି ପ୍ରାର୍ଥନା ସଭାରେ
ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ପ୍ରମିଳା ମଲ୍ଲିକ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ବିଧାୟକଗଣ ଯୋଗଦେବେ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0309/2324

# ନେପୁ ଶ୍ରମିକ ସଂଗଠନର ବିକ୍ଷୋଭ ପ୍ରଦର୍ଶନ

**ନାଲକୋନଗର,୨୯।୧(ସମିସ)**




ନାଲ୍‌କୋ ସ୍ମେଲ୍ଟର ପ୍ଲାଣ୍ଟର ଅଗ୍ରଣୀ ଏଚ୍‌ଏମ୍‌ଏସ୍ ସହବନ୍ଧିତ "ନାଲକୋ ପ୍ରୋଗ୍ରେସିଭ ଏମ୍ପ୍ଲୋଇଜ ୟୁନିୟନ' (ନେପୁ) ପକ୍ଷରୁ ଆଜି ସ୍ମେଲ୍ଟର ପ୍ଲାଣ୍ଟ ପରିସରରେ ଥିବା ଟେକ୍ନିକାଲ ବିଲ୍ଡିଂ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୀର୍ଘଦିନ ଧରି ପ୍ଲାଣ୍ଟ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ହେଉ ନଥିବାରୁ ଆଜି ୬ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଅବସ୍ଥାରେ ଯିବାଆସିବା କରୁଥିବା ବେଳେ ସେମାନଙ୍କ ପାଇଁ ସୁରକ୍ଷା ପାଇଁ ସବ-ୱେ ରାସ୍ତା ନିର୍ମାଣ କରିବା, ପ୍ଲାଣ୍ଟ ପରିସରରେ ରାତି ସମୟରେ କିମ୍ବା ଛୁଟିଦିନ ମାନଙ୍କରେ କ୍ୟାଣ୍ଟିନ ସୁବିଧା ରହୁନାହିଁ, ବକେୟା ଟଙ୍କା (ପିଆରପି) ପ୍ରଦାନ କରିବା, ୨୦୨୨ମସିହାଠାରୁ କର୍ମଚାରୀଙ୍କ ପୋଷାକ ଓ ଦୁଇ ବର୍ଷ ହେବ ସେଫ୍ଟି ଉପକରଣ ମିଳିନାହିଁ, ୫୫ନଂ. ଜାତୀୟ ରାଜପଥ ପାର ହୋଇ ନାଲକୋ କର୍ମଚାରୀ ପ୍ରଦାନ କରୁଥିବା, କର୍ମଚାରୀମାନଙ୍କ ଦୁଇବର୍ଷର ବରିଷ୍ଠତା ପ୍ରଦାନରେ ଅନେକ ତ୍ରୁଟି ରହିଛି ତାହାର ସ୍ଥାୟୀ ସମାଧାନ କରାଯିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଯଥାଶୀଘ୍ର ଦାବି ପୁରଣ ନ ହେଲେ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ଯାହାପାଇଁ ନାଲ୍‌କୋ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସଂଗଠନର କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ବୈରାଗୀ ସେଠ, ସର୍ବସିଦ୍ଧି ବାଗ, ବସନ୍ତ ନାୟକଙ୍କ ସମେତ ସମସ୍ତ ଶ୍ରମିକନେତା ଚେତାବନୀ ଦେଇଛନ୍ତି।

# ଉତ୍ତରପଡ଼ା ନୋଡାଲ ଉପ୍ରା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ



**ଅନୁଗୋଳ,୨୯।୧(ସମିସ):** ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତରପଡା ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀ ଦିବ୍ୟାଶ୍ରୀ ବରାଳ ଶିକ୍ଷା ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତୃତୀୟ ଶ୍ରେଣୀର ଛାତ୍ର ରିତେଶ ଘଡେଇ ମଧ୍ୟ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ରୀ ଅନନ୍ୟା ମହାଳିକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଶୁଭଶ୍ରୀ ରାଉତ ପଞ୍ଚମ ଶ୍ରେଣୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

● ପୂର୍ବତନ ପୁଲିସ ଆଇଆଇସିଙ୍କ ଆବେଦନ ଖାରଜ

# ଭିଜିଲାନ୍ସ ଅଦାଲତ ଆଦେଶ ଉପରେ ମିଳିଲାନି ରହିତାଦେଶ

**କଟକ,୨୯।୧(ସମିସ)**

ଢେଙ୍କାନାଳ ଏଡିଜେ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ନିହଲପ୍ରସାଦ ଥାନାର ପ୍ରାକ୍ତନ ଆଇଆଇସି ଚିତ୍ତରଂଜନ ବେହେରାଙ୍କୁ ହାଇକୋର୍ଟରୁ ନିରାଶ ହେବାକୁ ପଡିଛି। ଭିଜିଲାନ୍ସ ଅଦାଲତଙ୍କ ଦୋଷୀସାବ୍ୟସ୍ତ ଆଦେଶ ଉପରେ ରହିତାଦେଶ ଜାରି ପାଇଁ କରିଥିବା ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଛନ୍ତି। ଶ୍ରୀ ବେହେରାଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଲାଞ୍ଚ ଗ୍ରହଣ ଅଭିଯୋଗରେ ଭିଜିଲାନ୍ସ ଅଦାଲତ ଆବେଦନକାରୀ ଶ୍ରୀ ବେହେରାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ରେ ୪ବର୍ଷ ଜେଲଦଣ୍ଡ ଓ ୨୦ହଜାର ଜରିମାନା ଦଣ୍ଡରେ ଗତ ୨୦୨୩ଜୁଲାଇ ୧୯ତାରିଖରେ ଦଣ୍ଡିତ କରିଥିଲେ। ଏହାକୁ ବିରୋଧ କରି ସେ ହାଇକୋର୍ଟରେ ଏକ ଫୌ÷ଜଦାରୀ ଆବେଦନ କରିଥିଲେ। ସେହିପରି ଭିଜିଲାନ୍ସ ଅଦାଲତଙ୍କ ଉପରୋକ୍ତ ଆଦେଶ ଉପରେ ରହିତାଦେଶ ପ୍ରାର୍ଥନା କରି ଏକ ଅନ୍ତରୀଣ ଆବେଦନ ମଧ୍ୟ ଦାୟର କରିଥିଲେ। ଯାହାକୁ ଆଜି ହାଇକୋର୍ଟ ଖାରଜ କରିଛନ୍ତି। ପ୍ରକାଶ ଯେ ଗତ ୨୦୨୧ଫେବୃଆରୀ୨୫ରେ ଶ୍ରୀ ବେହେରା ନିହଲପ୍ରସାଦ ଥାନାରେ ଆଇଆଇସି ଥିବା ବେଳେ ଏକ ମାମଲାରେ ଦଫା କୋହଳ କରିବା ନିମନ୍ତେ ଅଭିଯୋଗକାରୀଙ୍କ ଠାରୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ସହ ଚାର୍ଜସିଟ ମଧ୍ୟ ଦାଖଲ ହୋଇଥିଲା।

# 'ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି' ଆଲୋଚନାଚକ୍ର



**କିଶୋରନଗର,୨୯।୧(ସମିସ):** ନୂଆ ଓଡିଶା ଆନୁକୂଲ୍ୟରେ ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବୈଦ୍ୟନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ କିଶୋର ନଗର ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ଦାଶ ଓ ସମ୍ମାନିତ ଅତିଥି ରୂପେ ଓଡିଶା ଗ୍ରାମ୍ୟବ୍ୟାଙ୍କର ପରିଚାଳକ ବିଶ୍ୱାଳ ଯୋଗ ଦେଇଥିଲେ। ଓଡ଼ିଆ ଅଧାପକ ପ୍ରତାପ ତ୍ରିପାଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ ବିଭାଗ ଅଧାପକ ଧନଞ୍ଜୟ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲାବେଳେ ମାନସ ସାହୁ ସଭା ସଂଯୋଜନା କରିଥିଲେ।

# ରୋଟାରୀ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

**ଢେଙ୍କାନାଳ,୨୯।୧(ସମିସ)**




ଢେଙ୍କାନାଳ ରୋଟାରୀ କ୍ଲବ୍ ପକ୍ଷରୁ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସ୍ଥାନୀୟ ରୋଟାରୀ କର୍ଣ୍ଣରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବ୍ଲଡ୍ ସେଣ୍ଟର ଓ ରକ୍ତଦାତା ଓ ଅନୁପ୍ରେରକ ସଂଘ ସହଯୋଗରେ ଆୟୋଜିତ ଏହି ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରୋଟାରୀ କ୍ଲବ୍ ସଭାପତି ଡା. ଅବୋଧ ମହାପାତ୍ରଙ୍କ ଅଧକ୍ଷତାରେ 'ରକ୍ତଦାନ ଓ ଉପକାରିତା' ଶୀର୍ଷକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଇନର୍ ହୁଇଲ୍ କ୍ଲବ୍ ସଭାନେତ୍ରୀ ଗାୟତ୍ରୀ ହିନ୍ଦୋଚା, ସମ୍ପାଦିକା ଶ୍ରଦ୍ଧା ଅଗ୍ରୱାଲ, ରୋଟ୍ରାକ୍ଟର କ୍ଲବ୍ ପକ୍ଷରୁ ଅବିନାଶ ସାହୁ, ରୋଟାରୀ କମ୍ୟୁନିଟ୍ କର୍ପସ୍, ଗଜମା ପକ୍ଷରୁ ସଞ୍ଜୟ କୁମାର ନାୟକ ଓ ରକ୍ତଦାତା ଅନୁପ୍ରେରକ ସଂଘ ପକ୍ଷରୁ ବିରଞ୍ଚି ପାଣି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ରୋଟାରୀ କ୍ଲବ୍ ସଂପାଦକ ଗୌରବ ସରାଗୌ ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତ ଭଣ୍ଡାର ପକ୍ଷରୁ ଡା. ଆଶିଶ ଅଂଶୁମାନ, ଟେକ୍‌ନିସିଆନ୍ ପରମାନନ୍ଦ ପଣ୍ଡା, ତପନ ଜେନା, ଅଜୟ ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ମାଟି ପାଇଁ କାମ କରୁଥିଲି, ଆଉ କରିବି: ପ୍ରତାପ



**ଅନୁଗୋଳ,୨୯।୧(ସମିସ):** ଆଜି ଭୁବନେଶ୍ୱର ଶଙ୍ଖ ଭବନରେ ବିଜେଡିର ମିଶ୍ରଣ ପର୍ବରେ ଅନୁଗୋଳ ଜିଲ୍ଲା ପାଲଲହଡା ନିର୍ବାଚନମଣ୍ଡଳୀର ଡାକ୍ତର ପ୍ରତାପ ଚନ୍ଦ୍ର ପାଣି ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ମିଶିଛନ୍ତି। ଡାକ୍ତର ପ୍ରତାପ ପାଣି ବେଙ୍ଗାଲୁରୁ ଓଡ଼ିଶା ସଂଘ (ଯେଉଁଠି ୧୫ ଲକ୍ଷ ଓଡ଼ିଆ ରହୁଛନ୍ତି)ର ପ୍ରତିଷ୍ଠାତା ସଦସ୍ୟ ମଧ୍ୟ ଅଛନ୍ତି। ସେ ଏସ୍‌ସିବି ମେଡିକାଲ ଛାତ୍ର ସଂସଦ ସଭାପତି ଥିଲେ। ତାଙ୍କ ଘର ତାଳଚେର କଣିହାଁ ବ୍ଲକ ବିଜିଗୋଳ ଗାଁରେ। ସେ ଗତ କିଛି ବର୍ଷ ହେଲା ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଜନସେବା କରୁଛନ୍ତି। ଆଜି ବିଜେଡିରେ ଯୋଗ ଦେଇ କହିଛନ୍ତି, ପିଲାବେଳୁ ସେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରନେତା ହୋଇପାରିଥିଲେ। ସେ ସମୟରେ ଏଠି କିଛି ସୁବିଧା ନଥିବାରୁ ପ୍ରଫେସନାଲ କ୍ୟାରିଅର ପାଇଁ ବେଙ୍ଗାଲୁରୁ ଯାଇଥିଲେ। ହେଲେ ମଧ୍ୟ ସବୁବେଳେ ମାଟି ପାଇଁ କାମ କରୁଥିଲେ ଆଉ କରିବେ। ଦିନ ଥିଲା ଏସ ସି ବି ରେ ଖେଳ ପଡିଆ ଜବରଦଖଲ ହେଉଥିଲା। ହେଲେ ଏବେ ଏସ୍‌ସିବି ହସ୍ପିଟାଲ ଅବସ୍ଥା ବଦଳିଛି। ଆଉ ୨ ବର୍ଷରେ ଏହା ଦେଶର ଏକ ନମ୍ବର ହସ୍ପିଟାଲ ହେବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧକ୍ଷଙ୍କ ମାନସିକତା ଯୋଗୁ ରୂପାନ୍ତର ହୋଇ ପାରିଛି ବୋଲି ଡାକ୍ତର ପ୍ରତାପ କହିଥିଲେ।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ପାଲଲହଡ଼ା,୨୯।୧(ସମିସ):** ମାଲ୍ୟଗିରି ମହାବିଦ୍ୟାଳୟ ପାଲଲହଡ଼ାଠାରେ ଚଳିତ ମାସ ୧୬ ତାରିଖ ଠାରୁ ଚାଲିଥିବା ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗୀତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡିଆ ଗୀତ, ଭଜନ, ବକ୍ତୃତା, କବିତା ପାଠ, ହସ୍ତାକ୍ଷର ଲିଖନ, ଓଡିଆ ଖାଦ୍ୟ ପ୍ରସ୍ତୁତି ତଥା ଓଡିଆ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଇତିହାସ ବିଷୟରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ଅଧାପକ ଡ. ରଞ୍ଜନ ସେଠି ଆଲୋଚକ ଭାବରେ ଯୋଗଦେଇ ଓଡିଆ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧକ୍ଷା ରିନାରାଣୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ହରେକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିବା ବେଳେ ଓଡିଆ ପ୍ରତିଯୋଗିତାର ସଂଯୋଜକ ସୁରଥ ସାହୁ, ଓଡିଆ ଅଧାପକ ଚିତ୍ତରଞ୍ଜନ ପଣ୍ଡା, ବିଦ୍ୟାଧର ମହାନନ୍ଦ ଏବଂ ସୁଶ୍ରୀ ସୁସ୍ମିତା ବେହେରାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

● ନରହରିପୁର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# ବିଏସ୍‌ଏଫ୍ କ୍ଲବ୍ ୩-୨ରେ ବିଜୟୀ



**ତାଳଚେର,୨୯।୧(ସମିସ):** ତାଳଚେର ବ୍ଲକ ନରହରିପୁର ଗ୍ରାମର ଯୁବଜ୍ୟୋତି ୟୁଥ କ୍ଲବ ପକ୍ଷରୁ ଆଜି ଅଲ୍ ଓଡ଼ିଶା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରାଯାଇଛି। ଏହି ଉଦଘାଟନୀ ଉତ୍ସବରେ ଭୁବନେଶ୍ୱରୀ କୋଇଲା ପ୍ରକଳ୍ପ ଅଧିକାରୀ ବିଭୂତି ସାହୁ, ନିରଞ୍ଜନ ପ୍ରଧାନ, ନିରୁପମା ପ୍ରଧାନ, ସମିତି ମେମ୍ବର ବ୍ରଜନାଥପୁର, କଣ୍ଡାଳ ସରପଞ୍ଚ ଯଶୋବନ୍ତୀ ବେହେରା, ସମିତିମେମ୍ବର ସୁବର୍ଣ୍ଣା ସାହୁ, ସମିତି ମେମ୍ବର ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ପେସ୍କାର ଗଡ଼ନାୟକ, ଚୈତନ୍ୟ ପ୍ରଧାନ, ଅଶ୍ୱିନୀ ପ୍ରଧାନ ଏବଂ କ୍ଲବର ସଭାପତି ମନୋଜ ପ୍ରଧାନ, କମଳ ଲୋଚନା ସାହୁ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଓ ୮ଟିମ ଭାଗନେବେ। ଆଜିର ମ୍ୟାଚ ଜଗା ୟୁନାଇଟେଡ଼ ଭୁବନେଶ୍ୱର ସହିତ ବିଏସ୍‌ଏଫ୍ କ୍ଲବ ସୋନପୁର ମଧ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ବିଏସ୍‌ଏଫ୍ କ୍ଲବ ୩-୨ ଗୋଲରେ ବିଜୟ ଲାଭ କରିଛି।

# ପଡ଼ିଆଭଙ୍ଗା ହାଇସ୍କୁଲରେ କ୍ରୀଡା ମହୋତ୍ସବ

**ତାଳଚେର,୨୯।୧(ସମିସ)**




ଚାଇଁପାଳ ସ୍ଥିତ ପଡିଆଭଙ୍ଗା ହାଇସ୍କୁଲର ୪୪ତମ ବାର୍ଷିକ କ୍ରୀଡା ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷିକା ଅରୁଣାବାଳା ସାହୁ, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ଧିର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବୃନ୍ଦାବନ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ପତାକା ଉତ୍ତୋଳନ କରି ଉଦଘାଟନ କରାଯାଇଥିଲା। ମୁଖ୍ୟବକ୍ତା ବିଜୟ କୁମାର ଧୀର ଜଙ୍କ୍ ଫୁଡର ବିପଦ ଓ ଖେଳ ପଡିଆର ଗୁରୁତ୍ୱ ବାବଦରେ ଉପଯୋଗୀ ବକ୍ତବ୍ୟ ପ୍ରଦାନ କରିଥିଲେ।

ସେହିପରି ମୁଖ୍ୟ ଅତିଥି ଅରୁଣା ବାଳା ସାହୁ ପିତା ମାତା ତଥା ନିଜ ଶିକ୍ଷକଙ୍କ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିବାକୁ ଉପଦେଶ ଦେଇଥିଲେ। ଉଭୟ ଦିବସରେ ଛାତ୍ରୀ ମାନେ ଆକର୍ଷଣୀୟ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ମନ୍ତ୍ରପାଠ, ସମ୍ବଲପୁରୀ ନୃତ୍ୟ ଅତିଥିଗଣଙ୍କୁ କରିଥିଲା ମନ୍ତ୍ରମୁଗ୍ଧ। ପୁଷ୍ପଗୁଚ୍ଛ, ବ୍ୟାଜ, ଉତ୍ତରୀୟ ତଥା ଶ୍ରଦ୍ଧା ଉପହାର ପ୍ରଦାନ କରି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ପ୍ରଧାନ ଶିକ୍ଷିକା ଲତିକା ମହାପାତ୍ର। ମଞ୍ଚ ପରିଚାଳନା ତଥା ପୁରସ୍କାର ବିତରଣରେ ସହାୟତା କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ତିଳୋତ୍ତମା ଭୂତିଆ ଓ ଜ୍ୟୋତିର୍ମୟୀ ରାଉତ। କୃତୀ ଖେଳାଳୀମାନଙ୍କୁ ଉଦ୍‌ଯାପନୀ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ତଥା ଅତିଥିଗଣ ପୁରସ୍କୃତ କରିଥିଲେ।

ସିନିଅର ଚମ୍ପିୟାନ ଶୁଭମ ବେହେରା, ଆରତୀ ନାୟକ, ଜୁନିଅର ଚମ୍ପିୟାନ ସମୟଜିତ ସିଂ, ସୌମ୍ୟାରାଣୀ ବେହେରା ଓ ସବଜୁନିଅର ଚମ୍ପିଆନ ସୌମ୍ୟକାନ୍ତ ପେଣ୍ଠେଇ ଓ ପ୍ରତୀକ୍ଷା ସାହୁଙ୍କୁ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଗଲା। ବରିଷ୍ଠ ଶିକ୍ଷିକା ମିନାକ୍ଷୀ ଶତପଥି ଧନ୍ୟବାଦ ପ୍ରସ୍ତାବ ରଖି ସଭାସାଙ୍ଗ କରିଥିଲେ।

ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ବରିଷ୍ଠ ସ୍ତମ୍ଭକାର, କବି ତଥା ବିଶିଷ୍ଟ ବାଗ୍ମୀ ଇଂରାଜୀ ପ୍ରଫେସର ଡ଼. ଶାନ୍ତନୁ କୁମାର ସର, ମୁଖ୍ୟବକ୍ତା ତାଳଚେରର ବରିଷ୍ଠ ଆଡ଼ଭୋକେଟ ତଥା କବି ଯଦୁମଣି ସାହୁ ଓ ସମ୍ମାନୀତ ଅତିଥି ତାଳଚେର ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲତିକା ମହାପାତ୍ର ବିଦ୍ୟାଳୟରେ ଖେଳ ପଡିଆର ଅଭାବ ତଥା ଶ୍ରେଣୀରେ ଉପସ୍ଥାନର ଅଭାବ ଦର୍ଶାଇ ଉଦବେଗ ପ୍ରକାଶ କରିବା ସହ ଅଭିଭାବକ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। କ୍ରୀଡା ଶିକ୍ଷକ ଶଙ୍କର୍ଷଣ ସାହୁଙ୍କ ପରିଚାଳନାରେ ମୁଖ୍ୟ ଅତିଥି କ୍ରୀଡା ପତାକା ଅବତରଣ କରି କ୍ରୀଡା ମଶାଲ ନିର୍ବାପିତ କରିଥିଲେ।


DSPL-587

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।
- ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

E-Mail: rera.odisha@gmail.com

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ

https://rera.odisha.gov.in

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0013/2324

## ମାଙ୍କଡ଼ କାମୁଡ଼ାରେ ଏକାଧିକ ଲୋକେ ଆହତ

**ପାରାଦୀପ, ୨୯।୧ (ସମିସ):** ପାରାଦୀପ ବନ୍ଦରାଞ୍ଚଳରେ ଥିବା ନୂଆବଜାରରେ ମାଙ୍କଡ ଆତଙ୍କ ଏବେ ଜୋର ଧରିଛି।ଯାହାକୁ ନେଇ ଲୋକ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।ଆଜି ଜଣେ ସ୍ଥାନୀୟ ଲୋକଙ୍କୁ ଏହି ମାଙ୍କଡ଼ କାମୁଡି ଲହୁ ଲୁହାଣ କରିଦେଇଥିବା ବେଳେ ସେ ମେଡିକାଲ ଯାଇ ଚିକିତ୍ସିତ ହେଉଥିଲେ। କିଛି ଦିନ ହେବ ମାଙ୍କଡ଼ ଆକ୍ରମଣରେ ଏକାଧିକ ଲୋକ ଆହତ ହୋଇଥିବା ସ୍ଥାନୀୟ ଲୋକ ମାନେ ଅଭିଯୋଗ କରିଛନ୍ତି। ଭୟରେ ଲୋକ ମାନେ ନିଜ ଘରୁ ବାହାରି ପାରୁନାହାନ୍ତି। ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସମସ୍ତେ ନିଜ ଘର ଓ ସିଡି କବାଟ ବନ୍ଦ କରି ରଖିଛନ୍ତି। ଘରୁ ବାହାରିଲା ବେଳେ ହାତରେ ବାଡି ଧରି ବାହାରିବା ପାଇଁ ପଡୁଛି। ପାରାଦୀପ ନୂଆବଜାର ସ୍ଥିତ 'ଏନ୍.ଏ. ଟାଇପ୍ ' କ୍ୱାର୍ଟର୍ସ ପରିସର ମଧ୍ୟରେ ମାଙ୍କଡ଼ଟି ଜଗିବସିଥିବା ବେଳେ ଘର ଭିତରୁ ଲୋକେ ବାହାରିବା ପାଇଁ ଭୟଭୀତ ଅବସ୍ଥାରେ ରହୁଥିବା ବେଳେ ମାଙ୍କଡ଼ ଧରିବା ପାଇଁ କୁଜଙ୍ଗ ବନବିଭାଗକୁ ଲିଖିତ ଭାବେ ଖବର ଦିଆଯାଇଛି।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଏରସମା,୨୯।୧(ସମିସ):** ରାଜ୍ୟ ସରାକାରଙ୍କର ଆମ ଓଡିଶା ନବୀନ ଓଡିଶା ଯୋଜନାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆଜି ଏରସମା ପୋଖରିଆପଡା ଓ ଆମ୍ବିକି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏରସମା ମୁଖ୍ୟାଳୟସ୍ଥିତ ବସଷ୍ଟାଣ୍ଡ ପଡିଆଠାରେ ଆମ ଓଡିଶା ନବୀନ ଓଡିଶା ଯୋଜନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ସରପଞ୍ଚ ସଚିଦାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ନାଚ ଗୀତ ଓ ବକ୍ତୃତା ମଧ୍ୟରେ ପଞ୍ଚାୟତବାସୀମାନଙ୍କୁ ଅବଗତ ଓ ସଚେତନତା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ଦେବଜାନୀ ସେଠୀ ଓ ସମସ୍ତ ସରକାରି ପଦାଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାଚ ଗୀତ ଓ ବକ୍ତୃତା ପ୍ରତିଯୋଗୀତା କରାଯାଇଥିଲା। କୃତୀପ୍ରତିଯୋଗୀମାନଙ୍କୁ ସରପଞ୍ଚ ଶ୍ରୀ ଦାସ ପୁରସ୍କାର ଓ ସମ୍ମାନିତ କରିଥିଲେ।

## ଯାଦବ ମହାସଭାର ସାଂଗଠନିକ ବୈଠକ



**ତିର୍ତ୍ତୋଲ,୨୯।୧(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତ ଓରବାସ୍ଥିତ ନୀଳମାଧବ ପୀଠରେ ବ୍ଲକ ଯାଦବ ମହାସଭା ତରଫରୁ ଏକ ସାଙ୍ଗଠନିକ ବୈଠକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଫେବୃଆରୀ ୨୫ ତାରିଖରେ ତିର୍ତ୍ତୋଲ ବ୍ଲକ ଯାଦବ ମହାସଭାର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ବ୍ଲକ ଅଧିନ ୨୯ଟି ପଞ୍ଚାୟତରେ ଯାଦବମାନଙ୍କର ସଙ୍ଗଠନକୁ ଦୃଢ କରିବା ସହ ଯାଦବ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ନିଆଯିବା ସହ ଯାଦବଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜଗତସିଂହପୁର ଜିଲା ଯାଦବ ମହାସଭା ତରଫରୁ ସୁକାନ୍ତ ଦାସ, ସୁବାଷ ଚନ୍ଦ୍ର ବେହେରା, ନରେଶଚନ୍ଦ୍ର ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା, ସୁବ୍ରତ ଦାସ, ସୁଦାମ ଦାସ, ଗୌରାଙ୍ଗ ଚରଣ ଦାସ, ଦିଲୀପ ଦାସ, ସୁଶାନ୍ତ ଦାସ, ସଞ୍ଜୟ ଦାସ, ବିଶ୍ୱଜିତ ଦାସ, ସନ୍ତୋଷ ଦାସ, ବୁଧେଶ୍ୱର ଦାସ, ବିକ୍ରମ ଦାସ, ରାଜେଶ ପରିଡା. ରଞ୍ଜନ ଦାସ, ସମୀର ଦାସ, ବିବେକ ଦାସ, ବିକାଶ ଦାସ, ଫକିର ଚନ୍ଦ୍ର ଦାସ, ଅଗସ୍ତି ଦାସଙ୍କ ସମେତ ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତର ଯାଦବ ଭାଇ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ଏରସମା, ୨୯।୧(ସମିସ):** ଏରସମା ବ୍ଲକ ର ଆମ୍ବୀକୀ ଓ ପୋଖରିଆ ପଡା ପଞ୍ଚାୟତ ରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟ କ୍ରମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ପରିଷଦ ସଭ୍ୟ ରାଣୀ ଟୁଡୁ ଆମ୍ବିକି ସରପଞ୍ଚ, ରଞ୍ଜନ କୁମାର ଜେଠି ପିଇଓ କେଶବ ମୁଖୀ, ସମିତି ସଭ୍ୟ ଧନ ଜୟ ସାହୁ, ଯୋଗଦେଇ ସରକାରଙ୍କ ଲୋକାଭିମୁଖି ଯୋଜନାକୁ ଲୋକ ମାନଙ୍କୁ ସଚେତନ କରାଇଥିଲେ। ସେହିଭଳି ପୋଖରିଆ ପଡା ପଞ୍ଚାୟତ ରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ସରପଞ୍ଚ ଗଦାଧର ମଳିକ , ସମିତି ସଭ୍ୟ ସ୍ୱର୍ଣ୍ଣ ଲତା ସେନାପତି, ସମାଜସେବୀ ମହେନ୍ଦ୍ର ସେନାପତି, ପିଇଓ ପବିତ୍ର ସ୍ୱାଇଁ, ଜିଆର୍‌ଏସ୍ ଚିନ୍ମୟୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ କୁନି କୁନି କଳାକାର ମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସୂଚନା ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ୫-ଟି ବିଭାଗ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟ କ୍ରମ ଜରିଆରେ ପ୍ରତି ପଞ୍ଚାୟତରେ ଲୋକ ମାନଙ୍କୁ ସଚେତନ କରାଯାଉଛି।




### ନିଯୁକ୍ତି ନେଇ ଦେଇଥିବା ପ୍ରତିଶ୍ରୁତି ଏଏମ୍‌ଏନ୍‌ଏସ୍ କମ୍ପାନୀ ରକ୍ଷା କଲାନି

# ନିଯୁକ୍ତି ଦାବିରେ କମ୍ପାନୀର ପାଚେରି ନିର୍ମାଣ କାର୍ଯ୍ୟକୁ ବନ୍ଦ କଲେ ଗ୍ରାମବାସୀ

**ପାରାଦୀପ, ୨୯।୧ (ସମିସ)**

ଏଏମ୍‌ଏନ୍‌ଏସ୍ କମ୍ପାନୀ ର ପାଚେରୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହ କାର୍ଯ୍ୟକୁ ବନ୍ଦ କଲେ ହାଣ୍ଡିଆ ଗ୍ରାମର ଶତାଧିକ ମହିଳା ଓ ପୁରଷ। ପୂର୍ବରୁ ବିସ୍ଥାପିତଙ୍କ ପରିବାରରୁ ଚାକିରୀ ଦେବା ନେଇ ହୋଇଥିବା ଚୁକ୍ତିକୁ କମ୍ପାନୀ କର୍ତ୍ତୃପକ୍ଷ ମାନି ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଦୀର୍ଘ ୧୦ ମାସ ଧରି ହାଣ୍ଡିଆ ଗ୍ରାମବାସୀ ଅହୋରାତ୍ରୀ ଧାରଣା ଦେଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କୌଣସି ସମାଧାନର ବାଟ ନ ବାହାର କରିବାରୁ ଗ୍ରାମ୍ୟ କମିଟିର ଉପଦେଷ୍ଟା ତଥା ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଙ୍କ ନେତୃତ୍ୱରେ ହୋଇଥିବା ଆଲୋଚନା କୁ କମ୍ପାନୀ କର୍ତ୍ତୃପକ୍ଷ ମାନି ନେବା ନେଇ ପ୍ରତିଶ୍ରୁତି ଦେଇଥିଲେ।ଏନେଇ ଗତ ମାସରେ କମ୍ପାନୀ ରେ ନିଯୁକ୍ତି ଦେବା ପାଇଁ ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ହାଣ୍ଡିଆ ଗ୍ରାମବାସୀ ମାନଙ୍କ ସହ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା।ଏହି ଆଲୋଚନାରେ ପ୍ରଥମ ପର୍ଯ୍ୟାୟରେ ବିସ୍ଥାପିତ ୩୫ ପିଲାଙ୍କୁ ନିଯୁକ୍ତି ଦେବା ପରେ କମ୍ପାନୀ ପାଚେରୀ କାର୍ଯ୍ୟ ଆରମ୍ଭ କରିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲା। ହେଲେ ପ୍ରତିଶ୍ରୁତିର ଏକମାସ ବିତିବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଗୋଟିଏ ପିଲାଙ୍କୁ ନିଯୁକ୍ତି ଦେଇନାହିଁ କମ୍ପାନୀ। ଅନ୍ୟପଟେ କମ୍ପାନୀ ମେସିନ୍ ଲଗାଇ ପାଚେରୀ ନିର୍ମାଣ କାମ ଆରମ୍ଭ କରିଥିବା ବେଳେ ହାଣ୍ଡିଆ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆସି ପାଚେରୀ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଯଦିଓ ପୁନର୍ବାର କମ୍ପାନୀ ପାଚେରୀ କାର୍ଯ୍ୟ ଆରମ୍ଭ କରେ ତେବେ ଆନ୍ଦୋଳନ ଉଗ୍ରରୂପ ନେବେ ବୋଲି ଚେତାବନୀ ଦେଇଛନ୍ତି ହାଣ୍ଡିଆ ଗ୍ରାମ୍ୟ ସୁରକ୍ଷା ସମିତିର ସଭାପତି ଶଶିକାନ୍ତ ମହାନ୍ତି।



## ପଙ୍କପାଳର ଚିକିତ୍ସା ଅଧିକାରୀ ୬ଦିନ ପଙ୍କପାଳରେ ସେବା ଯୋଗାଇବେ

**କୁଜଙ୍ଗ,୨୯।୧(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଟି ଏବେ ଅଞ୍ଚଳବାସୀଙ୍କ ଏକ ଶ୍ରଦ୍ଧାକେନ୍ଦ୍ରରେ ପରିଣତ ହୋଇଛି। ଦିନେ ଲୋକେ ତାକୁ ଭୂତକୋଠି କହି ନାକଟେକୁଥିବା ବେଳେ ଅପରିଷ୍କାର ଓ ଗନ୍ଧ ଯୋଗୁ ରୋଗୀ ଏହି ଡାକ୍ତରଖାନା ଯିବାକୁ ଆଗ୍ରହ ଦେଖାଉ ନଥିବା ବେଳେ ଆଜି କିନ୍ତୁ ପରିସ୍ଥିତି ଓଲଟା ହୋଇଛି। ସ୍ୱଚ୍ଛତା, ଶୃଙ୍ଖଳା, ସେବା ଓ ସହଯୋଗକୁ ମୂଳମନ୍ତ୍ର ନେଇ ଏହି ଡାକ୍ତର ଖାନାରେ କାର୍ଯ୍ୟରତ ଯୁବ ଚିକିତ୍ସକ ଡାକ୍ତର ସ୍ମୃତିରଞ୍ଜନ ମହାପାତ୍ର ଓ ସହଯୋଗୀ ଚିକିତ୍ସକ ଓ କର୍ମଚାରୀ ମାନେ ଚିକିତ୍ସା କ୍ଷେତ୍ରରେ ଉଦାହରଣ ପାଲଟିଛନ୍ତି। ଏହି ଡାକ୍ତରଖାନା ଉପରେ ପାଞ୍ଚ ଛଅଟି ପଞ୍ଚାୟତ ବାସୀ ନିର୍ଭରଶୀଳ। ଏହାର ଚିକିତ୍ସା ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ରଙ୍କ ସହ ଏଠାରେ ଜଣେ ଆୟୁଷ ଡା. ଗିରିଜା ତ୍ରିପାଠୀ, ଭେଷଜ ବ୍ରଜ କିଶୋର ମଲ୍ଲ, ଯୋଗ ଶିକ୍ଷକ ପଲ୍ଲୀଶ୍ରୀ ମନ୍ତ୍ରୀଙ୍କ ସହ ୭ ଜଣ କର୍ମଚାରୀ ଓ ଆଠ ଜଣ କ୍ଷେତ୍ର କର୍ମଚାରୀ କାର୍ଯ୍ୟକରନ୍ତି। ବର୍ହି ବିଭାଗ, ପର୍ଯ୍ୟବେକ୍ଷଣ ନିରୀକ୍ଷଣ ଗୃହ, ବ୍ରେଷ୍ଟ ଫିଡିଂ ଗୃହ, ଟିକା ସଂରକ୍ଷଣ ଗୃହ, ପୃଥକୀକରଣ ଗୃହ ସହ ୧୪ଟି କକ୍ଷ ଥିବା ଏହି ପୁରୁଣା ଡାକ୍ତରଖାନା ଏବେ ତାର ରୂପରେଖ ବଦଳାଇ ଚାଲିଛି। ଏହି ଡାକ୍ତରଖାନାକୁ ସୌନ୍ଦର୍ଯ୍ୟ କରରଣ କରଯାଇଥିବା ବେଳେ ଏହାର ପରିବେଶକୁ ସଫାସୁତୁରା ମଧ୍ୟ ନିୟମିତ କରାଯାଇଛି। ମାତ୍ର ଏହି ସବୁ ସତ୍ତ୍ୱେଓ ଡାକ୍ତରଙ୍କ ମୂଳ ନିଯୁକ୍ତି ପଙ୍କପାଳ ହୋଇଥିବା ବେଳେ ଏରସମା ବ୍ଲକ ଢିଙ୍କିଆ ଅଞ୍ଚଳ ବାସୀଙ୍କ ଦାବି ଓ ଅନୁରୋଧ ଯୋଗୁ ତାଙ୍କୁ ଏବେ କୁଜଙ୍ଗ ବ୍ଲକର ପଙ୍କପାଳରେ ୩ ଦିନ ଓ ଏରସମାର ଢିଙ୍କିଆରେ ୩ଦିନ କାର୍ଯ୍ୟକରିବା କରିବାରକୁ ପଡୁଥିଲା। ମାତ୍ର ଅଞ୍ଚଳବାସୀଙ୍କ ପକ୍ଷରୁ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ, ଅନିରୁଦ୍ଧ ସାହୁ, ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ସମିତି ସଭ୍ୟ ପ୍ରଶାନ୍ତି ମହାନ୍ତିଙ୍କ ସହ ହଜାର ହଜାର ଅଞ୍ଚଳବାସୀ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ଯୁବ ଚିକିତ୍ସକଙ୍କୁ ସବୁଦିନିଆ ଡାକ୍ତର ରୂପେ ପଙ୍କପାଳରେ ଦାବି କରିଆସୁଥିବା ବେଳେ ଆଜି ଏହି ଦାବି ପୂରଣ ହୋଇଛି ବୋଲି ଜଣାପଡିଛି। ଏହି ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ● ପ୍ରାଣୀ ଚିକିତ୍ସାଳୟ ଦାୟିତ୍ୱ ନଦେଇ ସାମୂହିକ ଛୁଟିରେ ଜିଲ୍ଲାର ୩୦ ପ୍ରାଣୀ ଚିକିତ୍ସକ

## ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପ୍ରାଣୀଧନ ନିରୀକ୍ଷକ

**ଜଗତସିଂହପୁର, ୨୯।୧(ସମିସ):** ଗତ ୧୮ ତାରିଖରୁ ଜିଲ୍ଲାର ୮ଟି ବ୍ଲକ ଓ ମ୍ୟୁନିସପାଲିଟି ଅଞ୍ଚଳରେ କାର୍ଯ୍ୟରତ ୩୦ ଜଣ ପ୍ରାଣୀ ଚିକିତ୍ସକ ସମୁହ ଛୁଟିରେ ଅଛନ୍ତି। ଛୁଟିରେ ଥିବା ଏହି ଚିକିତ୍ସକମାନେ ନିୟମ ଅନୁସାରେ ଜରୁରୀକାଳୀନ ସେବା ଯୋଗାଇବାକୁ ନିଜ ଦାୟିତ୍ୱ ହସ୍ତାନ୍ତର କରିବା କଥା । ମାତ୍ର ସେମାନେ ଏହା କରିନଥିବା ଜଣାପଡିଛି। ସେହିପରି ଗତ ୧୦ ଦିନଧରି ପ୍ରାଣୀ ଚିକିତ୍ସାଳୟରେ ଥିବା ସମସ୍ତ ଔଷଧ ପତ୍ର ଓ ଚିକିତ୍ସା ସରଞ୍ଜାମକୁ ସେମାନେ ତାଲାଦେଇ ନିଜ ଦଖଲରେ ରଖିଛନ୍ତି। ଫଳରେ ଆବଶ୍ୟକତା ଭିତିରେ ଜିଲ୍ଲାର ୧୩ଟି ପ୍ରାଣୀ ଚିକିତ୍ସାଳୟରେ ମୁତୟନ ହୋଇଥିବା ପ୍ରାଣୀଧନ ନିରୀକ୍ଷକମାନେ ଏହିସମୟରେ କାମ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଠାରୁ ଲିଖିତ ନିର୍ଦ୍ଦେଶ ପାଇ ପ୍ରାଣୀ ଚିକିତ୍ସାଳୟରେ କାମ କରୁଥିବା ଏଲଆଇମାନଙ୍କୁ ଛୁଟିରେ ଥିବା ପ୍ରାଣୀ ଚିକିତ୍ସକମାନେ ଚିକିତ୍ସାଳୟରେ ପ୍ରବେଶକରି ଧମକାଇବା ସହିତ ନିଜ ସର୍ଭିସ ରୁଲ ବାହାରେ କାମ ନକରିବାକୁ ଚେତାବନୀ ଦେଉଥିବାରୁ ସେମାନେ ଭୟଭୀତ ଥିବା ପ୍ରକାଶ କରିଛନ୍ତି। ଫଳରେ ଜନସାଧାରଣ ଅବଶ୍ୟକ ପ୍ରାଣୀ ଚିକିତ୍ସାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।ଛୁଟିରେ ଥିବା ଏହି ଚିକିତ୍ସକମାନେ ପ୍ରାଣୀ ଚିକିତ୍ସା ସେବାକୁ ଅକାମୀ କରିବାକୁ ଚେଷ୍ଟା କରିବା ସହିତ ନିଜ ଦାବି ହାସଲ ପାଇଁ ଅଡିବସିଥିବାରୁ ଜଗତସିଂହପୁର ପରି ସର୍ବାଧିକ ଦୁଗ୍ଧ ଉତ୍ପାଦନ ହେଉଥିବା ଜିଲ୍ଲାର ଶହ ଶହ ଜନସାଧାରଣ ଏହାକୁ ନାପସନ୍ଦ କରିଛନ୍ତି। ପ୍ରାଣୀ ଚିକିତ୍ସା ଏକ ଜରୁରୀକାଳିନ ସେବା ହୋଇଥିବାରୁ ସରକାର ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦୁଗ୍ଧଚାଷୀ ଅଜୟ ଦାସ, ତପନ ଲେଙ୍କା, ବିଭୁତି ଭୁଷଣ ଜେନା, ସଂଜୟ ସାହୁ, ଆଶୀଷ ପତି, ସଂଗ୍ରାମ ଜେନା, ସାରଦା ରାଉତ ପ୍ରମୁଖ ଦାବି କରିଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ରଘୁନାଥପୁର,୨୯।୧(ସମିସ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀ ନେତା ରଶ୍ମୀରଞ୍ଜନ ସ୍ୱାଇଁ ରଘୁନାଥପୁର ତହସିଲକାର୍ଯ୍ୟାଳୟରେ ପହଞ୍ଚି ଚାଷୀଙ୍କ ଅସୁବିଧା ସମ୍ପର୍କରେ ୫ଦଫା ଦାବୀପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଏହି ଅଭିଯୋଗରେ ଦର୍ଶାଇଛନ୍ତି ଖରିପ ଧାନ ଫସଲ ବିକ୍ରୟ ପାଇଁ ମଣ୍ଡିରେ ଗୁରୁତର ତ୍ରୁଟି, ସଠିକ ସମୟରେ ଝୋଟ ଅଖା ଚାଷୀମାନଙ୍କୁ ଦିଆନଯିବା, ଧାନ ସଫା ଭଲଥାଇ ମଧ୍ୟ ଯୋର ଜବରଦସ୍ତ ୨ରୁ ୩କେଜି ଧାନ କାଟିବା, ଟୋକନ ପରେ ରହିଯାଇଥିବା ବଳକା ଧାନ ଉପଯୁକ୍ତ ମୂଲ୍ୟରେ ମଣ୍ଡିରେ ବିକ୍ରୟ ପାଇଁ ସୁବିଧା ଦିଆଯାଉ, ରଘୁନାଥପୁର ତହସିଲ ଅଞ୍ଚଳରେ ଜଳ ସେଚନ ଜଳ ନିଷ୍କାସନ ସୁବ୍ୟବସ୍ଥା କରାଯାଉ, ଜଳସେଚିତ ହେଉନଥିବା ଜମିରୁ ଜଳକର ଛାଡ କରାଯାଉ, ପ୍ରାକୃତିକ ବିପର୍ଯ୍ୟୟ ଓ ଅଦିନିଆ ବର୍ଷାରେ ବଞ୍ଚିତ ହିତାଧିକାରୀମାନଙ୍କୁ ସରକାରୀ ସହାୟତା ଦିଆଯାଉ, ଗ୍ରାମୀଣ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରୁଥିବା ଏବଂ ବାଡି ବଗିଚାରେ ଫସଲ ନଷ୍ଟ କରୁଥିବା ଷଣ୍ଢ, ମାଙ୍କଡ, ହରିଣ ଉପଦ୍ରବରୁ ଚାଷ ଓ ଚାଷିଙ୍କୁ ସୁରକ୍ଷା ପ୍ରଦାନ କରାଯାଉ ବୋଲି ନିଗମାନନ୍ଦ ଦାସ, ଶରତ ମହାପାତ୍ର, ପବିତ୍ର ମୋହନ ନାୟକ, ସୁରେନ୍ଦ୍ର ନାଥ ମହାରଣା, ସନ୍ତୋଷ ପାତ୍ର, ସୁରେଶ କୁମାର ସାହୁ ପ୍ରମୁଖ ତହସିଲଦାର ଅଭିପ୍ସା ପଟ୍ଟନାୟକଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ।




## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ




**ବାଲିକୁଦା,୨୯।୧(ସମିସ):** ବାଲିକୁଦା ବ୍ଲକ ବରମୁଣ୍ଡଲୀ ପଞ୍ଚାୟତ ତାଳଗାଁଠାରେ ଥିବା ବାସୁଦେବ ମହାପାତ୍ର ସ୍ମାରକୀ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ନବୀନ ଓଡିଶା ଆମ ଓଡିଶା କାର୍ଯ୍ୟକ୍ରମର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ କଲେଜର ଅଧ୍ୟକ୍ଷ ଉପେନ୍ଦ୍ର ନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ଦାମୋଦର ପ୍ରଧାନ,ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଣବ ପ୍ରଧାନ ଯୋଗ ଦେଇ ଓଡ଼ିଆ ଭାଷାକୁ ନେଇ ଆମେ ସମସ୍ତେ ଗର୍ବ କରିବା ସହ ଜଗତର ନାଥ ଜଗନ୍ନାଥ ଆମ ଓଡିଶାକୁ ସାରା ବିଶ୍ୱରେ ପରିଚିତ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷାକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ ଓ ଏହାକୁ ଯୁବ ସମାଜ ମାଧ୍ୟମରେ ଅଧିକ ପ୍ରଚାର ପ୍ରସାର ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଶାନ୍ତ କୁମାର ମହାନ୍ତି ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ନୋଡାଲ ଅଫିସର ଅଧ୍ୟାପିକା ସୁମିତ୍ରା ମହାନ୍ତି ପ୍ରଦାନ କରିଥିଲେ।ଶେଷରେ ବରିଷ୍ଠ କିରାଣୀ ମାଧବାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ କଲେଜର ଅଧ୍ୟାପିକା ଓ ଅଧ୍ୟାପକ ମିତାଲି ମଧୁସ୍ମିତା ସାହାଣୀ,କାର୍ତ୍ତିକ ଚନ୍ଦ୍ର ନାୟକ,ବୀରବର ପରିଡା,ବିସ୍ମୟ କୁମାର ମିତ୍ର,, ଚନ୍ଦ୍ରକାନ୍ତି ବିଶ୍ୱାଳ,ଗୀତାଞ୍ଜଳି ସାହୁ,ଦିପ୍ତିମୟୀ ଜେନା,ବରିଷ୍ଠ କିରାଣୀ ଅକ୍ଷୟ ପ୍ରଧାନ,କର୍ମଚାରୀ ନରେଶ ରାଉତ,ସୁରେନ୍ଦ୍ର ବିଶ୍ୱାଳ,ବିଜୟ ସେଠି,କ୍ଷୀରୋଦ ବେହେରା,ଭିକାରୀ ମହାନ୍ତି,ସୁନାକର ସ୍ୱାଇଁ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। କଲେଜର ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ● ବ୍ରୋସ୍‌ଫ୍ଲିକ୍ସ କ୍ରିକେଟ୍ ଉଦ୍‌ଯାପିତ

## ପଙ୍କପାଳକୁ ହରାଇ କୋଳର ଚମ୍ପିଆନ୍

**କୁଜଙ୍ଗ,୨୯।୧(ସମିସ):** କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ପଥୁରିଆ କ୍ରିକେଟ୍ ପଡିଆରେ ବ୍ରୋସ୍‌ଫ୍ଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୨ୟ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ତିନି ସିରିଜ ବିଶିଷ୍ଟ ଫାଇନାଲ ମ୍ୟାଚ୍ ପଙ୍କପାଳ ଓ କୋଳର କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ଟି ପଙ୍କପାଳ ଜିତିଥିବା ବେଳେ ଶେଷ ଦୁଇଟି ମ୍ୟାଚ୍ କୋଳର ବିଜୟୀ ହୋଇ ଚଳିତ ବର୍ଷର ଚମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲା। ପରେ ଉଦ୍‌ଯାପନ ଉତ୍ସବରେ ବ୍ରୋସ୍‌ଫ୍ଲିକ୍ସ ପ୍ରାଇଭେଟ୍ ଲିମିଟେଡ ନିର୍ଦ୍ଦେଶକ କାଳନ୍ଦୀ ବିଶ୍ୱାଳ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ଏକ ମେଗା ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଇ ଯୁବ ପ୍ରତିଭାଙ୍କ ବିକାଶରେ ସହଯୋଗ କରିଥିବା କହିଥିବା ବେଳେ ବିଜୟୀ ଦଳକୁ ୧୮ହଜାର ଟଙ୍କା ଓ ଟ୍ରଫି, ଉପ ବିଜେତା ପଙ୍କପାଳ ଦଳକୁ ୧୨ହଜାର ଟଙ୍କା ଓ ଟ୍ରଫି ପ୍ରଦାନ ସହ ଅନ୍ୟାନ ବର୍ଗରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ ସହ ସବୁ ବର୍ଗରେ ପୁରସ୍କାର ପ୍ରଦାନ କରିଥିଲେ। ଏହି ମେଗା ଇଭେଣ୍ଟକୁ ଅମ୍ପାୟାର ରୂପେ ନୃସିଂହ ମହାନ୍ତି, ସ୍ୱାଗତ ମହାନ୍ତି, କମ୍ପାନୀର କ୍ରିୟଟିଭ୍ ମୁଖ୍ୟ ଓମ୍ ପ୍ରକାଶ ମହାପାତ୍ର ଓ ଭାଷ୍ୟାକାର ରୂପେ ରମାକାନ୍ତ ମଳିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୫ଟି ଅଭିଯୋଗର ତତ୍କାଳ ଫଇସଲା

**ଜଗତସିଂହପୁର/ନାଉଗାଁ,୨୯ ।୧(ସମିସ)**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରୀ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୨୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୪ଗୋଟି ଅଭିଯୋଗ, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ କାର୍ଡ ସମସ୍ୟା ସମ୍ପର୍କୀୟ ୨ଟି,ଆବାସ ଯୋଜନା ସମ୍ପର୍କୀୟ ୪ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୩ଟି, ରେଡକ୍ରସ ପାଣିରୁ ସହାୟତା ପାଇବା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର୍, ମୁଖ୍ୟ ବିକାଶ-ତଥା- ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପ-ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ନାଉଗାଁ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା,ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଶ୍ମି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନାଉଗାଁ ତପନ କୁମାର ମହାପାତ୍ର, ତହସିଲଦାର, ନାଉଗାଁ ଏସ୍.କେ.ସାଗିର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ।



## ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କଳାବ୍ୟାଜ୍ ପରିଧାନ

**ବାଲିକୁଦା,୨୯ ।୧(ସମିସ):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ସମସ୍ତ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପଦୋନ୍ନତି ସହ ଅନ୍ୟାନ୍ୟ କ୍ଷେତ୍ରରେ ଅନ୍ୟାୟ କରିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରୁନାହାନ୍ତି। ଫଳରେ ରାଜ୍ୟବ୍ୟାପୀ ସମସ୍ତ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଂଘ ପକ୍ଷରୁ ୭ ଦିନ ପାଇଁ ପ୍ରତିବାଦରେ କଳା ବ୍ୟାଜ୍ ପରିଧାନ କରି ନିଜର କାର୍ଯ୍ୟ ସମ୍ପାଦନ କରିବା ନେଇ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଂଘ ଉପ ସଭାପତି ତଥା ବାଲିକୁଦା ବ୍ଲକର ଏବିଡ଼ିଓ ସଞ୍ଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଜଗତସିଂହପୁର ଜିଲ୍ଲାର କାର୍ଯ୍ୟରତ ସମସ୍ତ ୮ ବ୍ଲକର ୭ ଜଣ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ସମସ୍ତେ କଳା ବ୍ୟାଚ ପରିଧାନ କରିଥିଲେ। ଅଭିଜ୍ଞତା ଓ କାର୍ଯ୍ୟ ଦକ୍ଷତା ଥିବା ସତ୍ତ୍ୱେଓ ବିଡ଼ିଓ ପଦବୀ କୁ ସରକାର ପଦୋନ୍ନତି ପ୍ରଦାନ ନକରିବା କାରଣରୁ ସଂଘ ଅସନ୍ତୋଷ ପ୍ରକାଶ କରି ଏଭଳି ପଦକ୍ଷେପ ଗ୍ରହଣ କରିଛି।ସଂଘର ଦୁଇଟି ଦାବି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମୂଳ ପଦବୀ ଧରାଯାଇ ଓଡିଶା ପ୍ରଶାସନିକ ସେବା କ୍ୟାଡର ଗଠନ କରାଯିବା ସହ ଖାଲି ପଡିଥିବା ୫୦ ପ୍ରତିଶତ ପଦବୀ ଓଡିଶା ଲୋକସେବା ଆୟୋଗ ମାଧ୍ୟମରେ ଚୟନ କରାଯାଇ ପୂରଣ କରିବା ସମେତ ଅନ୍ୟ ୫୦ ପ୍ରତିଶତ ଏବିଡ଼ିଓ ସ୍ତରରୁ ବିଡ଼ିଓ ପଦବୀକୁ ପଦୋନ୍ନତି ମାଧ୍ୟମରେ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ, ୫- ଟି ଅଧକ୍ଷ,ମୁଖ୍ୟ ଶାସନ ସଚିବ,ଓଡିଶା ସରକାରଙ୍କୁ ଦାବି ପ୍ରଦାନ କରାଯାଇଛି। ଯଦି ଆଗାମୀ ଦିନରେ ଏହି ଦାବି ପୂରଣ କରାନଯାଏ ତେବେ ରାଜ୍ୟ ସଂଘ କଲମ ଛାଡ଼ ଆନ୍ଦୋଳନ କରିବା ସହ ଦାବି ପୂରଣ ପାଇଁ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ତିର୍ତ୍ତୋଲ ବ୍ଲକର ସତ୍ୟଜିତ ସ୍ୱାଇଁ,ଜଗତସିଂହପୁର ବ୍ଲକ ଅଜୟ ବେହେରା,ନାଉଗାଁ ବ୍ଲକ ଦେବେନ୍ଦ୍ର ପ୍ରଧାନ,ଏରସମା ବ୍ଲକ ଜ୍ଞାନ ରଞ୍ଜନ ଲେଙ୍କା,ରଘୁନାଥପୁର ବ୍ଲକ ଜ୍ଞାନଦା ନାୟକ,କୁଜଙ୍ଗ ବ୍ଲକ ପ୍ରଶାନ୍ତ ରାଉତ ପ୍ରମୁଖ ଏବିଡ଼ିଓ ଉପସ୍ଥିତ ଥିଲେ।



# ସହିଦ ଦିବସ: ଶ୍ରଦ୍ଧାଞ୍ଜଳି ଓ ସଂକଳ୍ପର ଦିନଟିଏ



ଆଜି ସହିଦ ଦିବସ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ତିଥିକୁ ସାରା ଦେଶ ସହିଦ ଦିବସ ଭାବେ ପାଳନ କରିଥାଏ। ୧୯୪୮ ମସିହା ଆଜିର ଦିନରେ ବିର୍ଲା ହାଉସ୍‌ରେ ସଂଧ୍ୟା ପ୍ରାର୍ଥନା ସମୟରେ ଗୁଳି ଖାଇ ଟଳି ପଡ଼ିଥିଲେ ଗାନ୍ଧିଜୀ। ଏଘଟଣା ସେତେବେଳେ ସ୍ତବ୍ଧ କରି ଦେଇଥିଲା ସାରା ବିଶ୍ୱକୁ। ଅହିଂସାର ଚଳନ୍ତି ପ୍ରତିମାଙ୍କୁ ହରାଇ ମର୍ମାହତ ହୋଇଥିଲେ କୋଟି କୋଟି ଜନତା। ସାରା ବିଶ୍ୱ ଅଶ୍ରୁ ସଜଳ ନୟନରେ ଶତାବ୍ଦୀର ସର୍ବଶ୍ରେଷ୍ଠ ଜନନାୟକଙ୍କୁ ସମ୍ମାନ ଜଣାଇଥିଲା। ସେ ସତ୍ୟ, ଶାନ୍ତି, ଅହିଂସା ଓ ନ୍ୟାୟର ପୂଜାରୀ ଥିଲେ। ଏହି ଦିନ ଦେଶ ପାଇଁ ଜୀବନ ସମର୍ପି ଦେଇଥିବା ସହିଦମାନଙ୍କୁ ଦେଶର କୋଣ ଅନୁକୋଣରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଏ। ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନିଜର ଦୃଢ଼ ମନୋବଳ ଯୋଗୁଁ ସେ ଦେଶକୁ ବିଦେଶୀ ଶାସକମାନଙ୍କଠାରୁ ସ୍ୱାଧୀନ କରିପାରିଥିଲେ। ଗାନ୍ଧିଜୀଙ୍କ ବିଚକ୍ଷଣ ବୁଦ୍ଧି ଆଗରେ ବ୍ରିଟିଶ ଶାସକମାନେ ପରାଜିତ ହୋଇ ଶେଷରେ ସ୍ୱଦେଶ ଫେରିଯାଇଥିଲେ। ଗାନ୍ଧିଜୀଙ୍କୁ ସୁଚିନ୍ତା ଲାଗି ସେ ଆଜି ସମଗ୍ର ବିଶ୍ୱ ପାଇଁ ଆଦର୍ଶ ଓ ପ୍ରେରଣା ପାଲଟିଛନ୍ତି। ସାରା ବିଶ୍ୱରେ ଗାନ୍ଧୀଙ୍କ ଚିନ୍ତାଧାରାକୁ ଗ୍ରହଣ କରାଯାଉଛି। ଦେଶକୁ ସ୍ୱାଧୀନ କରିବା ପାଇଁ ସେ ଅନେକ ଥର ଜେଲ୍ ମଧ୍ୟ ଯାଇଥିଲେ। ସହିଦ ଦିବସରେ ମହାତ୍ମାଙ୍କ ସମେତ ବହୁ ବୀର ସହିଦମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ। ଏହି ଅବସରରେ ଦେଶର କୋଣ ଅନୁକୋଣରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଶ୍ରଦ୍ଧାଞ୍ଜଳି ସଭାମାନ ଆୟୋଜନ କରାଯାଇଥାଏ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ଓ ତିନି ସେନାର ମୁଖ୍ୟ ଦିଲ୍ଲୀର ରାଜଘାଟସ୍ଥିତ ଗାନ୍ଧିଜୀଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥାନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ପ୍ରତ୍ୟେକ ବୀର ସଂଗ୍ରାମୀମାନଙ୍କୁ ଆଜିର ଦିନରେ ସ୍ମରଣ କରି ସେମାନେ ସ୍ୱାଧୀନ ଭାରତ ପାଇଁ ଦେଖେଇଥିବା ସ୍ୱପ୍ନକୁ ଆଗକୁ ନେବା ଲାଗି ପ୍ରେରଣା ଯୋଗାଇଥାଏ ଏହି ଦିବସ।

# ମାର୍ଚ୍ଚରେ 'ଏ ମେରେ ୱତନ କେ ଲୋଗୋଁ'

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ତାଙ୍କ ଷ୍ଟାଇଲିସ୍ ଅନ୍ଦାଜ ପାଇଁ ବେଶ୍ ପରିଚିତ। ସାମାଜିକ ଗଣମାଧ୍ୟମରେ ମଧ୍ୟ ସେ ବେଶ୍ ସକ୍ରିୟ। ଅନେକ ସମୟରେ ସେ ତାଙ୍କ ଫିଟ୍‌ନେସ୍ ଓ ଡ୍ୟାନ୍ସ ଭିଡିଓଗୁଡ଼ିକ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ ସେୟାର୍ କରିଥାନ୍ତି। ସାରା ଏବେ ତାଙ୍କ ଆଗାମୀ ଫିଲ୍ମ 'ଏ ୱତନ ମେରେ ୱଁତନ'କୁ ନେଇ ବ୍ୟସ୍ତ ଅଛନ୍ତି। ତେବେ ଏହି ଫିଲ୍ମର ନିର୍ମାତା ଏବେ ଏହାକୁ ସିନେମାହଲ୍ ପରିବର୍ତ୍ତେ ଓଟିଟିରେ ରିଲିଜ୍ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହାର ଟ୍ରେଲର୍ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ଅବସରରେ ମାର୍ଚ୍ଚ ୮ରେ ଆସିବ। ମାର୍ଚ୍ଚ ୨୨ରେ ଏହି ଫିଲ୍ମ ରିଲିଜ୍ ହେବ। ଦରବ ଫାରୁକି ଏହାର କାହାଣୀ ଲେଖିଥିବାବେଳେ କନ୍ନନ୍ ଅୟର୍ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଫିଲ୍ମର କାହାଣୀ ଭାରତଛାଡ଼ ଆନ୍ଦୋଳନ ଉପରେ ଆଧାରିତ। ଏଥିରେ ସାରା ସ୍ୱାଧୀନତା ସଂଗ୍ରାମୀ ଉଷା ମେହେଟ୍ଟାଙ୍କ ଭୂମିକାରେ ଅଭିନୟ କରିବେ।



# କର୍କଟ ପୀଡ଼ିତ ଶିକ୍ଷକଙ୍କ ମନୋବଳ ବୃଦ୍ଧି ପାଇଁ

## ଗୀତ ଗାଇଲେ ଛାତ୍ରଛାତ୍ରୀ



ପ୍ରତ୍ୟେକ ମଣିଷଙ୍କ ଜୀବନରେ ଶିକ୍ଷକଙ୍କ ଅବଦାନ ଯଥେଷ୍ଟ ବେଶୀ ଥାଏ। ଶିକ୍ଷକଙ୍କ ପ୍ରଦତ୍ତ ଜ୍ଞାନ ହିଁ ଜୀବନକୁ ଆଲୋକିତ କରିବାରେ ସାହାଯ୍ୟ କରିଥାଏ। ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଏକ ଭିନ୍ନ ସମ୍ପର୍କ ଥାଏ। ଯାହାର ଏକ ହୃଦୟସ୍ପର୍ଶୀ ଉଦାହାରଣ ସାମ୍ନାକୁ ଆସିଛି। କିଛିଦିନ ତଳେ ସାମାଜିକ ଗଣମାଧ୍ୟମରେ ସେୟାର୍ ହୋଇଥିବା ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କର ଗୋଟିଏ ଭିଡିଓ ଚର୍ଚ୍ଚା ସାଉଁଟୁଛି। ଯଦିଓ ଉକ୍ତ ଭିଡିଓଟି ୨୦୧୬ ମସିହାର, ତଥାପି ଏହା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ମନେ ପକାଇବାର କାର୍ଯ୍ୟ କରିଛି। ନାସଭିଲେ ସ୍ଥିତ କ୍ରାଷ୍ଟ ପ୍ରେସବାଏଟରିୟନ୍ ଏକାଡେମୀରେ ଶିକ୍ଷକତା କରନ୍ତି ବେନ୍ ଏଲିସ୍। ସେ ପିଲାଙ୍କୁ ଲାଟିନ୍ ଓ ବାଇବେଲ ଶିକ୍ଷା ପ୍ରଦାନ କରିଥାନ୍ତି। କର୍କଟ ରୋଗ ସହ ସଂଘର୍ଷ କରୁଥିବା ବେନ୍ କିନ୍ତୁ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସ୍କୁଲ ଯାଇ ପିଲାଙ୍କୁ ପାଠ ପଢ଼ାଉଥିଲେ। ସେହିପରି କର୍କଟରେ ପୀଡ଼ିତ ଥିବାରୁ ତାଙ୍କୁ କେମୋଥେରାପି ଏବଂ ରେଡିଏସନ୍ ଚିକିତ୍ସା ଦେଇ ତାଙ୍କୁ ଗତି କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ବି ସେ ସ୍କୁଲରେ ପିଲାଙ୍କୁ ପଢ଼ାଇ ନିଜ ମନୋବଳ ବୃଦ୍ଧି କରିବା ପାଇଁ ଯାଉଥିଲେ। ଧୀରେ ଧୀରେ ତାଙ୍କ ଦେହ ଅଧିକ ଖରାପ ହେବାରୁ ବେନ୍ ପାଠପଢ଼ା କାର୍ଯ୍ୟ ବନ୍ଦ କରିଦେଲେ। ସେଇଠୁ ସ୍କୁଲର ପ୍ରଧାନଶିକ୍ଷକ ସ୍ଥିର କଲେ ଯେ, ପିଲାଙ୍କ ସହ ମିଶି ବେନ୍‌ଙ୍କ ଘର ସାମ୍ନାରେ ତାଙ୍କ ମନୋବଳ ବଢ଼ାଇବା ପାଇଁ ଗୀତ ଗାଇବେ। ଏହାପରେ ଏକାଡେମୀର ଅନ୍ୟ ଶିକ୍ଷକଙ୍କ ସହ ପ୍ରାୟ ୪୦୦ ଛାତ୍ରଛାତ୍ରୀ ବେନ୍‌ଙ୍କ ଘର ବାହାରେ ଛିଡ଼ା ହୋଇ ତାଙ୍କ ପାଇଁ ଗୀତ ଗାଇଥିଲେ। ଯାହାକି ବେନ୍‌ଙ୍କ ମନୋବଳ ବଢ଼ାଇବାରେ କାର୍ଯ୍ୟ କରିଥିଲା। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ବେନ୍ ନିଜ ଶିକ୍ଷା ମାଧ୍ୟମରେ ପିଲାଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ଏଭଳି ଏକ ମର୍ମସ୍ପର୍ଶୀ ଭିଡିଓକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି ଏବଂ ଲୋକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କ ଏହି କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି।

# ଯୁବତୀଙ୍କ ଶିଶୁସୁଲଭ ଜୀବନଶୈଳୀ



ଅନେକ ସମୟରେ ଲୋକେ ସେମାନଙ୍କ ପିଲାଦିନକୁ ଖୁବ୍ ଝୁରି ହୋଇଥାନ୍ତି। ଆମେରିକାର ଜଣେ ୨୯ ବର୍ଷୀୟା ଯୁବତୀ ସେହି ସ୍ମୃତିରେ ଜୀବନ ଅତିବାହିତ କରି ଏବେ ଚର୍ଚ୍ଚାରେ। ପେଗି ମିଲର ନାମ୍ନୀ ଏହି ଯୁବତୀ ଜଣକ ଛୋଟ ଛୁଆଙ୍କ ଭଳି ଡାଇପର୍ ପିନ୍ଧିବାଠୁ ଆରମ୍ଭ କରି ଦୋଳିରେ ଶୋଇ ରୁହନ୍ତି। ଛୋଟ ପିଲାଭଳି ଖେଳନା ଧରି ଖେଳନ୍ତି। ଏପରିକି ସେ ଡାଇପର୍ ବାବଦରେ ପ୍ରତିମାସରେ ପାଖପାଖି ୨୪ ହଜାର ଟଙ୍କା ଖର୍ଚ୍ଚ କରନ୍ତି। ଏଥିସହ କୁନିପିଲାଙ୍କ ଭଳି ଜୀବନ ବିତାଇବା ପାଇଁ ସେ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ କରିଥାନ୍ତି। ୨୦୧୮ ମସିହାରୁ ସେ ଏପରି ଶିଶୁସୁଲଭ ଜୀବନଶୈଳୀ ଆପଣାଇଛନ୍ତି। ତେବେ ପିଗିଙ୍କର ଏପରି ସ୍ୱଭାବ କେବଳ ଘର ଭିତରେ ସୀମିତ ନୁହେଁ, ସେ ବାହାରକୁ ଯିବା ସମୟରେ ମଧ୍ୟ ସାଥିରେ ଖେଳନା ନେଇ ଯାତ୍ରା କରନ୍ତି। ତେବେ ଲୋକଙ୍କର ନକାରାତ୍ମକ ପ୍ରତିକ୍ରିୟାକୁ ସେ ଭୟ କରନ୍ତି ନାହିଁ ବୋଲି କହିଛନ୍ତି। ଅବଶ୍ୟ ତାଙ୍କ ଅଜବ ଜୀବନଶୈଳୀକୁ ନେଇ ତାଙ୍କ ପରିବାର ଲୋକେ ଓ ସାଙ୍ଗସାଥୀମାନେ ତାଙ୍କୁ ସମର୍ଥନ କରୁଛନ୍ତି। ପିଗି ନିଜର ଏକ ୱେବସାଇଟ୍ ଓ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ବୟସ୍କ ଶିଶୁର ଜୀବନ ଶୈଳୀ ବାବଦରେ ଲୋକଙ୍କୁ ଜଣାଉଛନ୍ତି। ତେବେ ସେ ଏପରି କୁନି ପିଲାଙ୍କ ପରି ଜୀବନ ଜିଇଁ ଖୁସି ତଥା ଆତ୍ମସନ୍ତୋଷ ପାଉଥିବା କଥା କହିଛନ୍ତି।

# ନାକ ପାଇଁ ଅନ୍ତିମ ସଂସ୍କାର




ସାଧାରଣତଃ ଜଣକର ମୃତ୍ୟୁ ପରେ ହିଁ ଅନ୍ତିମ ସଂସ୍କାର କରାଯାଇଥାଏ। କିନ୍ତୁ ନିକଟରେ ଜଣେ ବ୍ରିଟିଶ୍ ମହିଳା ନିଜ ନାକର ଅନ୍ତିମ ସଂସ୍କାର କରି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯାହା ବର୍ତ୍ତମାନ ସମୟରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। କେବଳ ସେତିକି ନୁହେଁ, ଏନେଇ ମହିଳା ଜଣକ ଏକ ଶୋକସଭାର ଆୟୋଜନ କରିଥିଲେ। ସୋଫି ନାମ୍ନୀ ଏହି ମହିଳାଙ୍କ ନାକ ଖୁବ୍ ଅସୁନ୍ଦର ଥିଲା। ଯାହାକୁ ସେ ପ୍ଲାଷ୍ଟିକ୍ ସର୍ଜରୀ ଅର୍ଥାତ୍ ରାଇନୋପ୍ଲାଷ୍ଟି କରି ଏକ ସୁନ୍ଦର ଆକାର ଦେବାକୁ ଚାହୁଁଥିଲେ। ସୋଫି ଏବେ ପ୍ଲାଷ୍ଟିକ୍ ସର୍ଜରୀ କରାଇବାକୁ ତୁର୍କୀ ବାହାରିଛନ୍ତି, ଯେଉଁଠି ଖୁବ୍ କମ୍ ମୂଲ୍ୟରେ ଏହି ସର୍ଜରୀ କରାଇପାରିବେ। ତେଣୁ ସେ ତୁର୍କୀ ଯିବା ପୂର୍ବରୁ ନିଜ ସାଙ୍ଗସାଥୀଙ୍କ ସହ ମିଳିତ ହୋଇ ଏପରି ଅଜବ ଅନ୍ତିମ ସଂସ୍କାର ଆୟୋଜନ କରିଥିଲେ। ଯେଉଁଥିରେ ବହୁ ସଂଖ୍ୟକ ଅତିଥି କଳା ରଙ୍ଗର ପୋଷାକ ପିନ୍ଧି ଯୋଗଦାନ କରିଥିଲେ। କାରଣ ବିଦେଶରେ ଅନ୍ତିମ ସଂସ୍କାର ସମୟରେ ଲୋକେ କଳାରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି। ଏହି ଉତ୍ସବରେ କେକ୍ କଟାଯାଇଥିଲା। ଏହି କେକ୍ ଉପରେ ସୋଫିଙ୍କ ନାକର ଜନ୍ମ ଓ ମୃତ୍ୟୁ ତାରିଖ ଲେଖାଯାଇଥିଲା। ଏଥି ସହିତ ଏହି ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ନାକ ଥିବା ମାସ୍କ ଲଗାଇଥିଲେ। ଅନ୍ତିମ ସଂସ୍କାର ଶେଷରେ ଉପସ୍ଥିତ ଅତିଥିମାନେ ସୋଫିଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ବିଳାସମୟ ବଙ୍କର

## ବ୍ୟୟ ୨୮୨ କୋଟି

ମଣିଷ ପାଖରେ ଟଙ୍କା ଥିଲେ ସେ ଯାହା ଇଚ୍ଛା ତାହା କରିଥାଏ। ଏହି ପରିପ୍ରେକ୍ଷୀରେ ବିଶ୍ୱରେ କିଛି କମ୍ପାନି ଏମିତି ବଙ୍କର ତିଆରି କରୁଛନ୍ତି ଯାହା ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ତଥା ତୃତୀୟ ବିଶ୍ୱଯୁଦ୍ଧ ଭଳି ଭୟାନକସ୍ଥିତିରୁ ମଣିଷକୁ ବଞ୍ଚାଇ ରଖିପାରିବ। ଏହି ସବୁ ବଙ୍କର ସେନାର ବଙ୍କର ଭଳି ନୁହଁ। ବରଂ ଏଥିରେ ବିଳାସବ୍ୟସନର ସମସ୍ତ ସୁବିଧା ରହିଛି। ଏଭଳି ଏକ ବଙ୍କର ଏବେ ବିକ୍ରି ହେବାକୁ ଯାଉଛି। ଏହାକୁ ନିର୍ମାଣ କରିବା ପାଇଁ ୨୮୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ବର୍ତ୍ତମାନ ଏହା ମାତ୍ର ୧୬ କୋଟି ଟଙ୍କାରେ ବିକ୍ରି ହେବାକୁ ଯାଉଛି। ଆମେରିକାର କାନ୍‌ସାସ୍ ସହର ନିକଟରେ ଏହି ବଙ୍କର ରହିଛି। ୧୦ ଏକର ଜମିରେ ନିର୍ମିତ ହୋଇଥିବା ଏହି ବଙ୍କରରେ ଜିମ୍, ରେକର୍ଡିଂ ଷ୍ଟୁଡିଓ, ଥିଏଟର ରୁମ୍, ୧୦ରୁ ଅଧିକ ବିଳାସପୂର୍ଣ୍ଣ ବେଡରୁମ୍ ଓ ୨ଟି ବାଥରୁମ୍ ରହିଛି। ଏହି ବଙ୍କରର ନିର୍ମାଣ ୧୯୬୦ ଦଶକରେ ହୋଇଥିଲା। ସେହି ସମୟରେ ଏହାକୁ ନିର୍ମାଣ ପାଇଁ ୪.୫ ମିଲିୟନ ଡଲାର ଖର୍ଚ୍ଚ ହୋଇଥିଲା। ଯାହାର ମୂଲ୍ୟ ବର୍ତ୍ତମାନ ସମୟରେ ୨୮୨ କୋଟି ଟଙ୍କା ସହ ସମାନ ହେବ। ଏହାର ମୂଳଲକ୍ଷ୍ୟ ଥିଲା ପ୍ରଳୟ ସମୟରେ ହେଉଥିବା କ୍ଷତିରୁ ଧନୀ ଲୋକଙ୍କୁ ବଞ୍ଚାଇବା। ସୁରକ୍ଷା ପାଇଁ ଏହାର ଗେଟ୍ ପାଖରେ ୨.୫ ମିଟର ମୋଟାର କଂକ୍ରିଟ୍ କାନ୍ଥ ତିଆରି କରାଯାଇଛି। ବିଦ୍ୟୁତ୍ ଚୁମ୍ବକୀୟ ପ୍ରଭାବରୁ ଏହାକୁ ରକ୍ଷା କରିବା ପାଇଁ ଏଥିରେ ତମ୍ବାର ଢାଲ ଓ ୧୩୬୦ କିଲୋଗ୍ରାମର ଟାଇଟାନିକ ବ୍ଲାଷ୍ଟ କବାଟ ମଧ୍ୟ ରହିଛି। ରେଡିଏସନ ମଧ୍ୟ ଏହାର ଭିତର ପାର୍ଶ୍ୱକୁ ପ୍ରବେଶ କରିପାରିବ ନାହିଁ। ମଣିଷ ଯଦି ଏହି ବଙ୍କର ଭିତରକୁ ଥରୁଟିଏ ପ୍ରବେଶ କରେ, ତେବେ ବିନାଶକାରୀ କ୍ଷତିରୁ ରକ୍ଷା ପାଇପାରିବ। ବଙ୍କର ଭିତରେ ରହୁଥିବା ଲୋକଙ୍କ ପାଇଁ ମନୋରଞ୍ଜନର ସମସ୍ତ ସାଧନ ରହିଛି। କିଛିବର୍ଷ ପୂର୍ବେ ପଶ୍ଚିମ ଆମେରିକାରେ ମଧ୍ୟ ଏମିତି ଏକ ବଙ୍କର ବନାଯାଇଥିଲା, ଯାହା ପରମାଣୁ ଆକ୍ରମଣରୁ ରକ୍ଷା କରିବ ବୋଲି କୁହାଯାଉଥିଲା।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରିଶ୍ରମର ଉଚିତ ଫଳ ମିଳିବ।

**ବୃଷ:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଆର୍ଥିକ ସମସ୍ୟା ଦେଖା ଦେବ। ବାଦବିବାଦରୁ ଦୂରେଇ ରହିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**ମିଥୁନ:** ଅଫିସ୍‌ରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ପ୍ରେମ ସମ୍ବନ୍ଧ ସୁଖମୟ ହେବ। ବନ୍ଧୁଙ୍କ ସହ ମତାନ୍ତର ହେବ।

**କର୍କଟ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବନ୍ଧୁଙ୍କ ସହଯୋଗରେ ନୂଆ କାମ ଆରମ୍ଭ କରିବେ।

**ସିଂହ:** ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। କାର୍ଯ୍ୟକ୍ଷେତ୍ରରେ ନିବେଶ କରିବେ। ବିରୋଧୀଙ୍କଠାରୁ ସତର୍କ ରହିବେ।

**କନ୍ୟା:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ।

**ତୁଳା:** ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧାର କରଜରୁ ଦୂରେଇ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବେ।

**ବିଛା:** ଦିନଟିରେ କର୍ମଚଞ୍ଚଳ ରହିବେ। ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ପୂଜାପାଠ ପ୍ରତି ରୁଚି ବଢ଼ିବ।

**ଧନୁ:** ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ। କଠିନ ପରିଶ୍ରମ କରିବେ।

**ମକର:** ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାର ସହ ଦୂରସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ପରିବାର ସହିତ ସମୟ ଅତିବାହିତ କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ମୀନ:** ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ଏକ୍ସରସାଇଜ୍ ଦ୍ୱାରା ସ୍ୱାସ୍ଥ୍ୟରେ ସୁଧାର ଆଣିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୯୦- ହିନ୍ଦୀ ସାହିତ୍ୟକାର ଜୟଶଙ୍କର ପ୍ରସାଦଙ୍କ ଦେହାନ୍ତ।
- ୧୯୦୩- ଲର୍ଡ୍ କର୍ଜନ୍ 'ଇମ୍ପେରିଆଲ୍ ଲାଇବ୍ରେରୀ'ର ଉଦ୍‌ଘାଟନ କଲେ।
- ୧୯୨୨- ପ୍ରଥମ ଥର ବିଶ୍ୱ ଆଇନ ଦିବସ ପାଳନ କରାଗଲା।
- ୧୯୪୯- ରାତ୍ରୀ ଏୟାରମେଲ୍ ସେବା ଆରମ୍ଭ।
- ୧୯୮୯- ଆମେରିକା ତା'ର କାବୁଲ ଦୂତାବାସ ବନ୍ଦ କଲା।

# ଲାଭଦାୟକ କ୍ରିଷ୍ଟାଲ ଲୋଟସ୍

ପଦ୍ମଫୁଲକୁ ସୌଭାଗ୍ୟ ଏବଂ ସମୃଦ୍ଧିର ପ୍ରତୀକ ଭାବରେ ବିବେଚନା କରାଯାଏ। ଘରେ ପଦ୍ମଫୁଲ ରଖିଲେ ନକାରାତ୍ମକ ଶକ୍ତି ନଷ୍ଟ ହେବା ସହିତ ଖୁସିର ପରିବେଶ ସୃଷ୍ଟି ହୁଏ। ଫେଙ୍ଗସୁଇରେ ମଧ୍ୟ କ୍ରିଷ୍ଟାଲ ଲୋଟସ୍‌ର ଅନେକ ଲାଭ ବିଷୟରେ ଉଲ୍ଲେଖ କରାଯାଇଛି। ଏହା ଆର୍ଥିକ ସଙ୍କଟକୁ ଦୂର କରିବା ସହିତ ଘରେ ସୁଖ ଓ ସମୃଦ୍ଧି ଆଣିଥାଏ। ଘରର ବାସ୍ତୁ ଦୋଷ ମଧ୍ୟ କ୍ରିଷ୍ଟାଲ ଲୋଟସ୍ ଦ୍ୱାରା ଦୂର ହୋଇଥାଏ। ତେବେ, କ୍ରିଷ୍ଟାଲ୍ ଲୋଟସ୍ ଦ୍ୱାରା ଆଉ କେଉଁ ସବୁ ଲାଭ ହୋଇଥାଏ, ଆସନ୍ତୁ ଜାଣିବା।

- ଏହା ଘରେ ବାସ୍ତୁଦୋଷ ଦୂର ହେବା ସହିତ ଆର୍ଥିକ ଉନ୍ନତି ଆଣିଥାଏ ବୋଲି କୁହାଯାଏ।
- ଏହାକୁ ଦେଖିଲେ ମନରେ ସକାରାତ୍ମକ ଭାବନା ଆସୁଥିବାରୁ କୌଣସି କାମରେ ବାଧାବିଘ୍ନ ଆସି ନଥାଏ।
- କ୍ରିଷ୍ଟାଲ ଲୋଟସ୍‌କୁ ଘରର ଝରକା ପାଖରେ ରଖିବା ଉଚିତ। ଏହାଦ୍ୱାରା ଘରକୁ ସକାରାତ୍ମକ ଶକ୍ତିର ଆଗମନ ହୋଇଥାଏ।
- ଘରର ଦକ୍ଷିଣ-ପଶ୍ଚିମ କୋଣରେ କ୍ରିଷ୍ଟାଲ ଲୋଟସ୍ ରଖିଲେ ଦୁର୍ଭାଗ୍ୟ ଦୂର ହୋଇଥାଏ।
- ଅଫିସ୍ କିମ୍ବା କାର୍ଯ୍ୟାଳୟର ମଧ୍ୟଭାଗରେ କ୍ରିଷ୍ଟାଲ ଲୋଟସ୍ ରଖିବା ଦ୍ୱାରା ଧନ ବୃଦ୍ଧି ହୁଏ।
- କ୍ରିଷ୍ଟାଲ ଲୋଟସ୍ କିଣିବା ପୂର୍ବରୁ କିଛି ବିଷୟ ପ୍ରତି ଧ୍ୟାନ ରଖିବା ଆବଶ୍ୟକ। ଏହାର ସବୁ ପାଖୁଡ଼ା ସମାନ ଭାବରେ ଖୋଲା ଥିବା ପ୍ରତି ଧ୍ୟାନ ଦିଅନ୍ତୁ।
- କ୍ରିଷ୍ଟାଲ ଲୋଟସ୍ କେବଳ କାଚରେ ତିଆରି ହୋଇଥିବା ଉତ୍ତମ। ଅନ୍ୟ କୌଣସି ଧାତୁରେ ତିଆରି କ୍ରିଷ୍ଟାଲ ଲୋଟସ୍ ଆଦୌ ଭଲ ହୋଇ ନ ଥାଏ।



